

# କଟକ ସିଟି

## ଯାଜପୁର ବସ୍ ଦୁର୍ଘଟଣା | ଏସ୍‌ସିବିରେ ୪୦ ଆହତ

# କାଜୁଆଲଟିରେ ଯନ୍ତ୍ରଣାର ଚିତ୍କାର











- ୨ଜଣଙ୍କ ଅବସ୍ଥା ସଂକଟାପନ୍ନ
- ଆହତଙ୍କ ମଧ୍ୟରେ ୨୫ପୁରୁଷ, ୧୩ ମହିଳା ଓ ୨ଶିଶୁ
- ୫ ସେଣ୍ଟ୍ରାଲ୍ ଆଇସିୟୁ ଓ ୩ ଟ୍ରମା ଆଇସିୟୁ ସଂରକ୍ଷିତ
- ଅଭିଜ୍ଞ ଡାକ୍ତରୀଦଳର ତତ୍ତ୍ୱାବଧାନରେ ଚିକିତ୍ସା ଜାରି

କଟକ,୧୫।୪(ସମିସ)

ଯନ୍ତ୍ରଣାର ଚିତ୍କାରରେ ଫାଟି ପଡୁଛି ଏସ୍‌ସିବି ମେଡିକାଲ ପରିସର। ଟ୍ରମା କାଜୁଆଲଟିରେ ଶୁଭୁଛି ହୃଦୟବିଦାରକ ଶବ୍ଦ। ବଞ୍ଚାଅ...ବଞ୍ଚାଅ ବୋଲି ଆକୁଳ ନିବେଦନ ଶୁଣି ସ୍ତବ୍ଧ ହୋଇଛି ମେଡିକାଲ ପରିସର। କାଜୁଆଲଟି ବେଡ୍‌ରେ ରକ୍ତ ଦେଖି, ଉପସ୍ଥିତ ଡାକ୍ତର, ସେବିକା ଓ ପାରା ମେଡିକାଲ କର୍ମଚାରୀ ଧୈର୍ଯ୍ୟହରା ହୋଇପଡୁଛନ୍ତି। ଯାଜପୁର ଜିଲ୍ଲା ବାରବାଟୀ ଛକରେ ଘଟିଥିବା ବସ୍ (କାଳିଆ ନନା) ଦୁର୍ଘଟଣାରେ ଆହତ ହୋଇଥିବା ୪୦ଜଣଙ୍କୁ ରାତି ୧୨ଟା ସୁଦ୍ଧା ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଏସ୍‌ସିବିର ଟ୍ରମା କାଜୁଆଲଟିରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ସେମାନଙ୍କର ଚିକିତ୍ସା କରୁଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତୁରନ୍ତ ଆଇସିୟୁକୁ ନିଆଯାଇଛି। ଦୁର୍ଘଟଣାଗ୍ରସ୍ତ ବସ୍‌ରେ ସମୁଦାୟ ୪୭ଜଣ ଥିବା ବେଳେ ୪୦ଜଣ ଆହତ ହୋଇଥିଲେ। ପ୍ରଥମେ ସ୍ଥାନୀୟ ସରକାରୀ ଡାକ୍ତରଖାନା ନିଆଯିବା ପରେ ଆମ୍ବୁଲାନ୍ସ ଯୋଗେ ୨୫ ଜଣ ପୁରୁଷ, ୧୩ ଜଣ ମହିଳା ଓ ୨ ଜଣ ଶିଶୁଙ୍କୁ ମିଶାଇ ମୋଟ ୪୦ଜଣଙ୍କୁ ଏସ୍‌ସିବି ମେଡିକାଲ ଅଣାଯାଇଛି। ଏସ୍‌ସିବିରେ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଚିକିତ୍ସା ଚାଲୁ ରହିଛି। ନିଜେ ରାଜ୍ୟ ସଡ଼କ ପରିବହନ କମିଶନର ଅମିତାଭ୍ ଠାକୁର ଉପସ୍ଥିତ ରହି ଚିକିତ୍ସା କାର୍ଯ୍ୟକୁ ତଦାରଖ କରୁଛନ୍ତି। ଯେହେତୁ ଦୁର୍ଘଟଣାଗ୍ରସ୍ତ ବସ୍‌ଟି ପୁରୀରୁ ପଶ୍ଚିମବଙ୍ଗ ଆସୁଥିବା ଅଧିକାଂଶ ପଶ୍ଚିମବଙ୍ଗ ଯାତ୍ରୀ ଜଗନ୍ନାଥ ଦର୍ଶନ ସାରି ଫେରୁଥିଲେ। ଆହତଙ୍କ ମଧ୍ୟରୁ ଅଧିକ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି। ଅନ୍ୟପଟେ ଅର୍ଥୋପେଡିକ୍, ନ୍ୟୁରୋସର୍ଜରୀ ଓ ମେଡିସିନ୍ ବିଭାଗର ଅଭିଜ୍ଞ ଡାକ୍ତରଙ୍କୁ ନେଇ ଚିକିତ୍ସା କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି।



ପ୍ରକାଶ ଥାଉ କି, ସନ୍ଧ୍ୟା ୭ଟା ସୁଦ୍ଧା ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଫୋନ୍ ଆସିଥିଲା ଯେ, ବସ୍ ଦୁର୍ଘଟଣାରେ ଆହତ ଓ ଗୁରୁତରଙ୍କୁ ଏସ୍‌ସିବି ପଠାଯାଉଛି। ଏ ସମ୍ପର୍କରେ ଖବର ପାଇବା ପରେ ଯୁଦ୍ଧକାଳୀନ ଭିତ୍ତିରେ ମେଡିକାଲ୍ କର୍ତ୍ତୃପକ୍ଷ ଟିମ୍ ଗଠନ କରିବା ସହିତ ଟ୍ରମା କାଜୁଆଲଟିରେ ଶଯ୍ୟା ଫାଙ୍କା ରଖିଥିଲେ। ସେହିପରି ୫ଟି ସେଣ୍ଟ୍ରାଲ୍ ଆଇସିୟୁ ଓ ୩ଟି ଟ୍ରମା ଆଇସିୟୁକୁ ପ୍ରସ୍ତୁତ ରଖାଯାଇଥିଲା। ତେବେ ୧୦ଟା ସୁଦ୍ଧା ଆହତମାନଙ୍କୁ ଯାଜପୁରରୁ ଏସ୍‌ସିବି ଆଣିବା ଆରମ୍ଭ ହୋଇଥିଲା। ପ୍ରଥମେ ଟ୍ରମାରେ ରଖାଯିବା ସହିତ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଅଧିକ ଆହତ ହୋଇଥିବା ବସ୍ ଯାତ୍ରୀଙ୍କୁ ସିଟି ସ୍କାନ୍ ଓ ଏମଆର୍‌ଆଇ କରାଯାଇ ବେଡ୍‌କୁ ଅଣାଯାଉଥିଲା। ଅର୍ଥୋପେଡିକ୍ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ନିର୍ମଳ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆହତଙ୍କୁ ଚିକିତ୍ସା କରାଯାଉଛି। ଅଧିକାଂଶ ଆହତଙ୍କ ଶରୀରର ବିଭିନ୍ନ ହାଡ ଭାଙ୍ଗିଥିବା ବେଳେ ମୁଣ୍ଡ ଫାଟିବା ସହିତ ଛାତି ଓ ଅଣ୍ଟାରେ ଆଘାତ ଲାଗିଛି। ଏଣୁ ନ୍ୟୁରୋସର୍ଜରୀ ଓ ଅର୍ଥୋପେଡିକ୍ ଡାକ୍ତରମାନେ ସେମାନଙ୍କୁ ଚିକିତ୍ସା କରୁଛନ୍ତି। ଯାଜପୁର ଜିଲ୍ଲାପାଳ ନିଖିଲ୍‌ପୱନ୍ କଲ୍ୟାଣ ଓ କଟକ ଡିସିପି ପ୍ରକାଶ.ଆର୍, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, କଟକ-ବାରବାଟୀ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଏସିବିରେ ଉପସ୍ଥିତ ରହି ଚିକିତ୍ସା ବ୍ୟବସ୍ଥା ଓ ଆଇନଶୃଙ୍ଖଳା ତଦାରଖ କରୁଛନ୍ତି। ଅନ୍ୟପଟେ ଏସ୍‌ସିବି ପ୍ରଶାସନିକ ପ୍ରଶାସନିକ ଅଧିକାରୀ ଡାକ୍ତର ଅବିନାଶ ରାଉତ କହିଛନ୍ତି ଯେ, ଉତ୍ତମମାନର ଚିକିତ୍ସା ଯୋଗାଇ ଦିଆଯାଉଛି। ଆହତଙ୍କ ମଧ୍ୟରୁ ଯେଉଁମାନେ ଗୁରୁତର ରହିଛନ୍ତି, ସେମାନଙ୍କୁ ଆଇସିୟୁକୁ ନିଆଯାଇ ଚିକିତ୍ସା କରାଯାଉଛି। ଆସନ୍ତା କାଲି ଆହତଙ୍କୁ ବିଭିନ୍ନ ୱାର୍ଡକୁ ନିଆଯାଇ ତ୍ୱରିତ ଚିକିତ୍ସା ପ୍ରଦାନ କରାଯିବ। ପ୍ରଶାସନିକ ସ୍ତରରେ ସମସ୍ତ ଆହତଙ୍କ ସମ୍ପର୍କୀୟଙ୍କୁ ଯୋଗାଯୋଗ କରାଯାଉଥିବା ଜଣାପଡ଼ିଛି।

## ମୋବାଇଲ ଜବତ: ଜଣେ ଗିରଫ

**କଟକ,୧୫।୪(ସମିସ):** ଜଣେ କୁଖ୍ୟାତ ମୋବାଇଲ ଚୋରକୁ ମଧୁପାଟଣା ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲା ସ୍ଥାନୀୟ କାଜିଡିହ ଅଞ୍ଚଳର ମୁନା ମହାରଣା। ତା' ନିକଟରୁ ୬ଟି ଚୋରି ମୋବାଇଲ ଜବତ କରାଯାଇଛି। ଅପରାହ୍ନରେ ତାକୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ରବିବାର ଅପରାହ୍ନରେ ରାଜେନ୍ଦ୍ର ନଗରର ବିଶ୍ୱଜିତ ମଲ୍ଲିକ ଘରେ ତାଙ୍କର ମୋବାଇଲକୁ ଟେବୁଲ ଉପରେ ରଖି ଶୋଇପଡିଥିଲେ। ମୁନା ସେହିବାଟ ଦେଇ ଯାଉଥିଲା ବେଳେ ହାତପାଆନ୍ତାରେ ମୋବାଇଲ ଥିବା ଦେଖି ଝରକା ବାଟେ ହାତ ଗଳାଇ ତାହାକୁ ନେଇଯାଇଥିଲା। ବିଶ୍ୱଜିତ ନିଦରୁ ଉଠି ମୋବାଇଲ ନ ପାଇ ଥାନାରେ ଏତଲା ଦେଇଥିଲେ। ପୁଲିସ ସିସିଟିଭିର ଫୁଟେଜ ଯାଞ୍ଚ କରି ଅଭିଯୁକ୍ତ ମୁନାକୁ ଚିହ୍ନଟ କରି ପୁଲିସ ତାକୁ ଗିରଫ କରିବା ସହ ତା'ଠାରୁ ୬ଟି ମୋବାଇଲ ଉଦ୍ଧାର କରାଯାଇଥିବା ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ସୂଚନା ଦେଇଛନ୍ତି।

## କଟକ ସେବା ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର



**କଟକ,୧୫।୪(ସମିସ):** ମହାନଦୀ ବିହାର ସେଲିବ୍ରେସନ ମଣ୍ଡପରେ କଟକ ସେବା ଫାଉଣ୍ଡେସନ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଖରାଦିନେ ରକ୍ତ ଅଭାବ ସମସ୍ୟାକୁ ଦୃଷ୍ଟିରେ ରଖି ସଂଗଠନ ପକ୍ଷରୁ ଏଭଳି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ରକ୍ତଦାନ ଶିବିରରେ କଟକ ବିଜେଡି ଲୋକସଭା ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, କଟକ-ବାରବାଟୀ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ଇଂ ପ୍ରଦୀପ କୁମାର ବେହେରା, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ସମାଜସେବୀ ମୀରା ପରିଡ଼ା, ସମାଜସେବୀ ଲୋରା ମହାପାତ୍ର ପ୍ରମୁଖ ଅତିଥି ଭାବେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରକ୍ତଦାନ ଶିବିରରୁ ମୋଟ ୨୨୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କଟକ ସେବା ଫାଉଣ୍ଡେସନର ସଭାପତି ପପୁ ପାତ୍ର, ଉପସଭାପତି ମଞ୍ଜିଲ ସାହୁ, ସଦସ୍ୟ ସମ୍ରାଟ, ରିଙ୍କୁ ଓ ମଣ୍ଟୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବଙ୍ଗୀୟ ସମାଜର ୯୦ ବର୍ଷ ପୂର୍ତ୍ତି ଉତ୍ସବ



**କଟକ,୧୫।୪(ସମିସ):** କଟକ ବାରବାଟୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଙ୍ଗୀୟ ସମାଜର ୯୦ ବର୍ଷ ପୂର୍ତ୍ତି ଉତ୍ସବର କାର୍ଯ୍ୟକ୍ରମ କଳା ବିକାଶ କେନ୍ଦ୍ର ଠାରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, କଟକ ବାରବାଟୀ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା, କଟକ ଲୋକସଭା ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର, ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଲୁଟେରା ଗିରଫ; ଗାଡ଼ି ଜବତ

କଟକ,୧୫।୪(ସମିସ): ଚାଉଳିଆଗଞ୍ଜ ଥାନା ପୁଲିସ ଆଜି ଜଣେ ପେସାଦାର ଲୁଟେରାକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଛତ୍ରବଜାର କେନାଲ ରୋଡର ସେଠୀ ଓରଫ ଜିତୁ ରାଓ (୨୯)। ତା' ପାଖରୁ ୮ଟି ଚୋରା ମୋବାଇଲ ଓ ଗୋଟିଏ ସ୍କୁଟି ଜବତ ହୋଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଓଏମ୍‌ପି ଷଷ୍ଠ ବାଟାଲିୟନ ପରିସରସ୍ଥ ବସ୍ତିରେ ଏମ. ଶିବା ନିଜ ପରିବାର ସହ ରହୁଛନ୍ତି। ରବିବାର ସନ୍ଧ୍ୟା ୭ଟାରେ ଶିବା ତାଙ୍କର ଜଣେ ସାଙ୍ଗଙ୍କ ସହିତ ଚାଲି ଚାଲି ଚାଉଳିଆଗଞ୍ଜ ଛକରୁ ବସ୍ତି ଆଡକୁ ଯାଉଥିଲେ। ଏହି ସମୟରେ ହଠାତ ଜଣେ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ତାଙ୍କ ହାତରୁ ମୋବାଇଲ ଛଡାଇ ନେଇଥିଲା। ଦୁହେଁ ପିଛା କରିଥିଲେ ମଧ୍ୟ ଦୁର୍ବୃତ୍ତ ଜଣକ ଦ୍ରୁତଗତିରେ ଲିଙ୍କରୋଡ ଅଭିମୁଖେ ପଳାଇଥିଲା। ଏହି ଘଟଣା ନେଇ ଶିବା ସଙ୍ଗେ ସଙ୍ଗେ ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜରୁ ସନ୍ଦିଗ୍ଧର ଗାଡି ନମ୍ବର ଆଧାରରେ ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ତଦନ୍ତକ୍ରମେ ସୋମବାର ପୁଲିସ ଟିମ୍ ଛତ୍ରବଜାର କେନାଲ ରୋଡରେ ଚଢଉ କରି ଅଭିଯୁକ୍ତକୁ ଜିତୁକୁ ଗିରଫ କରିଛି। ଗିରଫଦାରୀ ସମୟରେ ତା' ପାଖରୁ ଅଭିଯୋଗକାରୀଙ୍କ ମୋବାଇଲ ବ୍ୟତୀତ ଆହୁରି ୭ଟି ଚୋରା ମୋବାଇଲ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ଲୁଟପାଟରେ ବ୍ୟବହୃତ ସ୍କୁଟି ଗାଡିକୁ ଜବତ କରିଛି। ପୂର୍ବରୁ ତା' ନାଁରେ ମାଲଗୋଦାମ ଓ ବାଦାମବାଡି ଥାନରେ ୬ଟି ମାମଲା ରହିଛି। ଆଜି ଅପରାହ୍ନରେ ତାକୁ କୋର୍ଟ ଚାଲାଣ କରାଯାଇଛି।

## ନାବାଳିକାକୁ ଅପହରଣ: ଥାନାରେ ଏତଲା

**କଟକ,୧୫।୪(ସମିସ):** ବାଦାମବାଡ଼ି ଥାନା ଅନ୍ତର୍ଗତ ବିଶିନାବର ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରି ନିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ନାବାଳକା ଜଣକ ସାଙ୍ଗ ଘରକୁ ଯାଉଥିବା କହି ଘରୁ ବାହାରିଥିବା ବେଳେ ସେ ନିଖୋଜ ହୋଇଯାଇଛନ୍ତି। ନାବାଳିକାକୁ ଅପହରଣ କରି ବାରିପଦା ନିଆଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ବାଦାମବାଡି ଥାନା ପୁଲିସ ତଦନ୍ତ କରି ଏହା ଜାଣିବା ପରେ ବାରିପଦା ଅଭିମୁଖେ ଯାଇଥିବା ଜଣାପଡ଼ିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ନାବାଳିକା ଜଣକ ଗତ କିଛି ଦିନ ତଳେ ବାଦାମବାଡି ବିଶିନାବର ଅଞ୍ଚଳରେ ରହୁଥିବା ନିଜ ମାଉସୀଙ୍କ ଘରକୁ ବୁଲିବା ପାଇଁ ଆସିଥିଲା। ରବିବାର ଅପରାହ୍ନରେ ନାବାଳିକା ଜଣକ ପାଖରେ ରହୁଥିବା ଜଣେ ସାଙ୍ଗକୁ ଦେଖା କରିବା ଲାଗି ମାଉସୀଙ୍କୁ କହି ଘରୁ ବାହାରିଥିଲା। ହେଲେ ରାତି ହୋଇଯାଇଥିଲେ ମଧ୍ୟ ସେ ଘରକୁ ଫେରି ନ ଥିଲା। ଏପରିକି ତାର ମୋବାଇଲକୁ କଲ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲା। ପରିବାର ଲୋକ ବିଭିନ୍ନ ସ୍ଥାନରେ ତାର ଖୋଜଖବର ନେବା ପରେ ସୂଚନା ନ ମିଳିବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ତଦନ୍ତରୁ ଜାଣିବାକୁ ପାଇଲା ଯେ, ବାରିପଦା ଅଞ୍ଚଳର ଜଣେ ଯୁବକ ସହିତ ନାବାଳିକାଙ୍କ ସମ୍ପର୍କ ଥିଲା। ପୂର୍ବ ଯୋଜନା ମୁତାବକ ରବିବାର ଯୁବକ ଜଣକ କଟକ ଆସି ନାବାଳିକାକୁ ଅପହରଣ କରିନେଇ ବାରିପଦାରେ ରଖିଥିବା ପୁଲିସ ଜାଣିବାକୁ ପାଇଛି। ତେଣୁ ଅପହୃତାକୁ ଉଦ୍ଧାର କରିବା ଲାଗି ବାଦାମବାଡି ପୁଲିସ ବାରିପଦା ପୁଲିସ ସହିତ ଯୋଗାଯୋଗ କରିଛି। ଏହାସହ ଏକ ଟିମ ବାରିପଦା ଯାଇଥିବା ବାଦାମବାଡି ଥାନା ଅଧିକାରୀ ଅଜୟ ରାଉଳ ସୂଚନା ଦେଇଛନ୍ତି।






### ରେଭେନ୍ସାରେ ଛାତ୍ର ଅଶାନ୍ତି

# କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଧାରଣା

କଟକ,୧୫।୪(ସମିସ)

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆଜି ଛାତ୍ର ଅଶାନ୍ତି ଦେଖାଦେଇଛି। ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବାକୁ ନେଇ ଆଜି ପୁଣି ଛାତ୍ରଛାତ୍ରୀମାନେ କୁଳପତିଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସି ରହିଥିଲେ। ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେମାନେ ଧାରଣାରେ ବସି ରହିଥିଲେ। ଛାତ୍ରଛାତ୍ରୀଙ୍କ ବିରୋଧକୁ ଦେଖିବା ପରେ ଶେଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କର ନିଷ୍ପତ୍ତିକୁ ପରିବର୍ତ୍ତନ କରିଥିଲେ। ସମସ୍ତ ପରୀକ୍ଷାକୁ ସ୍ଥଗିତ ରଖିଥିଲେ। ପରୀକ୍ଷା କେବେ ହେବ ସେ ବିଷୟରେ ଖରାଛୁଟି ପରେ ନୋଟିସ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯିବ ବୋଲି ନୋଟିସ ଜାରି କରିବା ପରେ ଛାତ୍ରଛାତ୍ରୀମାନେ ଧାରଣାକୁ ପ୍ରତ୍ୟାହାର କରିଥିଲେ।

ବିଶ୍ୱବିଦ୍ୟାଳୟ ପକ୍ଷରୁ ମାର୍ଚ୍ଚ ୧୪ ତାରିଖରେ ସ୍ନାତକ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏପ୍ରିଲ ୨୪ ତାରିଖରେ ପରୀକ୍ଷା କରାଯିବାକୁ ବିଜ୍ଞପ୍ତିରେ କୁହାଯାଇଥିଲା। ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯିବା ସହିତ ସ୍ନାତକ ଛାତ୍ରଛାତ୍ରୀମାନେ କୁଳପତି ପ୍ରଫେସର ସଞ୍ଜୟ ନାୟକଙ୍କୁ ମାର୍ଚ୍ଚ ୨୩ ତାରିଖରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୟୁଜିସି ନିୟମାବଳୀ ଅନୁଯାୟୀ ଗୋଟିଏ ସେମିଷ୍ଟର ଶେଷ ହେବାର ୧୫ରୁ ୧୮ ସପ୍ତାହ ପରେ ଅନ୍ୟ ଏକ ସେମିଷ୍ଟର ପରୀକ୍ଷା ହେବାର ନିୟମ ରହିଛି। କିନ୍ତୁ ପ୍ରଥମ ସେମିଷ୍ଟର ଶେଷ ହେବାର ମାତ୍ର ୫୫ ଦିନ ମଧ୍ୟରେ ଦ୍ୱିତୀୟ ସେମିଷ୍ଟର କରିବା ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯଦ୍ୱାରା ଛାତ୍ରଛାତ୍ରୀମାନେ କ୍ଲାସ୍ କରିବା ଏବଂ ପରୀକ୍ଷା ଦେବା ନିମନ୍ତେ ପ୍ରସ୍ତୁତି ପାଇଁ ଯଥେଷ୍ଟ ସମୟ ପାଇନାହାନ୍ତି ବୋଲି ଅବଗତ କରାଇଥିଲେ। ତେଣୁ ପରୀକ୍ଷା ତାରିଖ ଘୁଞ୍ଚାଇବା ସହ ପାଠପଢାରେ ଥିବା ଦ୍ୱନ୍ଦ୍ୱ ଦୂର ପାଇଁ ସ୍ୱତନ୍ତ୍ର କ୍ଲାସ କରିବାକୁ ଛାତ୍ରଛାତ୍ରୀମାନେ ଦାବି କରିଥିଲେ। ୭ ଦିନ ମଧ୍ୟରେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଧାରଣା ଦିଆଯିବ ବୋଲି ଶିବ ଶଙ୍କର ଦାଶ, ବୈଶାଖୀ ମହାନ୍ତି, ତାପସ କୁମାର ସାହୁ, ରବିନ୍ଦ୍ର କୁମାର ଜେନା, କ୍ରୀତି ସିଂହ, ସୌମ୍ୟ ରଞ୍ଜନ ବେହେରା, ଆଶୁତୋଷ ଲେଙ୍କା, ଶାଶ୍ୱତ ଶୁଭମ ସାହୁଙ୍କ ସମେତ ବହୁ ଛାତ୍ରଛାତ୍ରୀମାନେ କହିଥିଲେ। କୌଣସି ନିଷ୍ପତ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନେଇ ନ ଥିବାରୁ ଆଜି ପୁଣି ଛାତ୍ରଛାତ୍ରୀମାନେ ଧାରଣା ଦେଇଥିଲେ। ଖରାଛୁଟି ପରେ ପରୀକ୍ଷା କରିବାକୁ ଦାବି କରିଥିଲେ। ମାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କ କୌଣସି କଥାକୁ ନ ଶୁଣିବାରୁ ପ୍ରବଳ ଖରାରେ ଛାତ୍ରଛାତ୍ରୀମାନେ ଧାରଣା ଜାରି ରଖିଥିଲେ। ଅପରାହ୍ନ ୩ଟାରେ ୨ଟି ପରୀକ୍ଷାକୁ ଛୁଟି ପରେ କରାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପତିତପାବନ ଦାସ ଧାରଣାରତ ଛାତ୍ରଛାତ୍ରୀଙ୍କୁ କହିଥିଲେ। ମାତ୍ର ଏଥିରେ ଛାତ୍ରଛାତ୍ରୀମାନେ ରାଜି ହୋଇ ନ ଥିଲେ। ଛୁଟି ପରେ ପରୀକ୍ଷା କରିବାକୁ ଜିଦ୍ ଧରିଥିଲେ। ଦିନସାରା ଛାତ୍ରଛାତ୍ରୀମାନେ ସେମିତି କୁଳପତିଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବା ପରେ ସନ୍ଧ୍ୟା ବେଳେ ନୋଟିସ ନମ୍ବର ୪୭୧ରେ ସମସ୍ତ ପରୀକ୍ଷାକୁ ସ୍ଥଗିତ ରଖାଗଲା ବୋଲି ନୋଟିସ ଜାରି କରାଗଲା। ଖରାଛୁଟି ପରେ ପରୀକ୍ଷା କେବେ ହେବ, ସେନେଇ ନୋଟିସ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ଦାସ କହିଥିଲେ।



# ବିଭିନ୍ନ ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ

## ଟାଙ୍ଗୀ ବସ୍‌ଷ୍ଟାଣ୍ଡ




**କଟକ,୧୫।୪(ସମିସ):** ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଟାଙ୍ଗୀ ବସଷ୍ଟାଣ୍ଡଠାରେ ପବିତ୍ର ମହାବିଷୁବ ସଂକ୍ରାନ୍ତିରୁ ୨ମାସ ବ୍ୟାପୀ ଜଳ ବିତରଣ କେନ୍ଦ୍ରର ଶୁଭାରମ୍ଭ ହୋଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଓ ପଦ୍ମିନୀ କେୟାର ହସ୍‌ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ମୁଖ୍ୟପୁରୋଧା ଡ. ପ୍ରମୋଦଚନ୍ଦ୍ର ରଥ ସମସ୍ତଙ୍କୁ ଓଡ଼ିଆ ନବବର୍ଷର ଅଭିନନ୍ଦନ ଜଣାଇବା ସହ ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟନ କରି ପଥଚାରୀଙ୍କୁ ପଣା ବିତରଣ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁଭୂଷଣ କର, ସମାଜସେବିକା ନିୟମିତା ରଥ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ନାରାୟଣ ମିଶ୍ର, ପ୍ରସନ୍ନ ସାହୁ, ଜିତେନ୍ଦ୍ର ବେହେରା, ଅଧ୍ୟାପିକା ସାଗରିକା ନାୟକ, ପ୍ରଦୀପ ଷଡଙ୍ଗୀ, ଯୁବ ଉଦ୍ୟୋଗୀ ଶିବପ୍ରସାଦ ରଥ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ, ସମାଜସେବୀ ସେକ୍ ଅବଦୁଲ ସଲିମ୍‌ଙ୍କ ସମେତ ବହୁ ବ୍ୟକ୍ତି, ବିଭିନ୍ନ ବିଭାଗର ପଦାଧିକାରୀ, ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ମେଡିକାଲ୍ ରୋଡ୍

ଅଗ୍ରଣୀ ସେଚ୍ଛାସେବୀ ସଂଗଠନ ଇଣ୍ଟରନ୍ୟାସନାଲ କ୍ଲବ ଓ ଅବସରପ୍ରାପ୍ତ ପୁଲିସ ଅଧିକାରୀ କଲ୍ୟାଣ ସମିତି ମିଳିତ ସହଯୋଗରେ ପ୍ରତିବର୍ଷ ଭଳି ଚଳିତ ବର୍ଷର "ଜଳଦାନ କେନ୍ଦ୍ର' ମଙ୍ଗଳାବାଗ ମେଡ଼ିକାଲ ରୋଡ୍‌ଠାରେ ଉଦଘାଟିତ ହୋଇଯାଇଛି। ଉକ୍ତ ବିତରଣ କେନ୍ଦ୍ରରେ ପଥଚାରୀଙ୍କୁ ଦହିପାଣି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ଚିକିତ୍ସକ ଡାକ୍ତର ଅନଙ୍ଗ ଦ୍ୱିବେଦୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ, ସମ୍ମାନିତ ଅତିଥି ରୂପେ ଡ. ଆଶୁତୋଷ ଦେବତା, ଶ୍ରୀପ୍ରକାଶ ମହାନ୍ତି, ଚଳଚ୍ଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ, ନାଟ୍ୟକାର ଅଭୟ ଦାସ ଓ ମୁରବୀ ପରିକ୍ଷିତ ମହାରଣା ପ୍ରମୁଖ ଯୋଗଦେଇ ପଥଚାରୀଙ୍କୁ ଦହିପାଣି ବଣ୍ଟନ କରିଥିଲେ। କଲ୍ୟାଣ ସମିତିର କର୍ମକର୍ତ୍ତା ଭକ୍ତବଲ୍ଲଭ ଦାସ, ଜିତେନ୍ଦ୍ର ପାତ୍ର, ଚିତ୍ତରଞ୍ଜନ ମହାନ୍ତି, ବିଭୂତି ଭୂଷଣ ପଟ୍ଟନାୟକ, ଦୀପ୍ତିରଞ୍ଜନ ରାୟ ଓ କ୍ଲବର କର୍ମକର୍ତ୍ତା ବିମ୍ବାଧର ମହାପାତ୍ର, ଗଣେଶ ଚନ୍ଦ୍ର ଦାସ, ବଳଦେବ ପ୍ରସାଦ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିବା ନେଇ କ୍ଲବର ଆବାହକ ସୁବାସ ଦାସ ଜଣାଇଛନ୍ତି।

### ସହରରେ ଟ୍ରାଫିକ୍ ପରିଚାଳନାରେ ବିଭ୍ରାଟ

# ପୂରଣ ହେଉନି ୧୨୦ ଟ୍ରାଫିକ୍ ଭଲ୍ୟୁଣ୍ଟିୟର୍ ପଦ

- ଅବଧି ପୂରିବା ୩ ମାସ ବିତିଥିଲେ ବି କର୍ତ୍ତୃପକ୍ଷ ନିରବ
- କାର୍ଯ୍ୟରେ ଯୋଗ ଦେଇପାରୁ ନାହାନ୍ତି ଟ୍ରାଫିକ୍ ଭଲ୍ୟୁଣ୍ଟିୟର୍

କଟକ,୧୫।୪(ସମିସ)



ଟ୍ରାଫିକ୍ ପରିଚାଳନାରେ ଆବଶ୍ୟକ ହେଉଥିବା କର୍ମଚାରୀଙ୍କ ଅଭାବ ଯୋଗୁଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ସାରା ସହରରେ ମୋଟ୍ ୫୩ଟି ଟ୍ରାଫିକ୍ ପୋଷ୍ଟ ରହିଥିବା ବେଳେ ଏଥିନିମନ୍ତେ ସିପ୍ପ ଅନୁସାରେ ଟ୍ରାଫିକ୍ କର୍ମଚାରୀ ନିଯୁକ୍ତ ରହିଛନ୍ତି। ଏହା ବାଦ୍ ଟ୍ରାଫିକ୍ ପୋଷ୍ଟ ଗୁଡ଼ିକରେ ୨ ଜଣ ଲେଖାଁଏ ଟ୍ରାଫିକ୍ ଭଲ୍ୟୁଣ୍ଟର୍ ଡ୍ୟୁଟି କରୁଥିଲେ। ଏହି ଭଲ୍ୟୁଣ୍ଟର୍‌ମାନେ କାର୍ଯ୍ୟରତ ଟ୍ରାଫିକ୍ ପୁଲିସଙ୍କ ଅଧୀନରେ ରହି ଗମନାଗମନ ଠାରୁ ଟ୍ରାଫିକ୍ ସମସ୍ୟାରେ ସୁଧାର ଆଣୁଥିଲେ। ମୁଖ୍ୟତଃ ଜନଗହଳିପୂର୍ଣ୍ଣ ଛକ ଗୁଡ଼ିକରେ ଭିଡ଼ ହଟାଇବା ସହିତ ଟ୍ରାଫିକ୍ ପୁଲିସକୁ ସହଯୋଗ କରୁଥିଲେ; ଗତ ୩ ମାସ ହେବ କଟକ ୟୁପିଡିରେ ୧୨୦ଟି ଟ୍ରାଫିକ୍ ଭଲ୍ୟୁଣ୍ଟର୍ ପଦ ଫାଙ୍କା ପଡ଼ିଛି। ଏଥି ନିମନ୍ତେ ଗତ ଜୁଲାଇ ମାସ ୨୪ତାରିଖ ପର୍ଯ୍ୟନ୍ତ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଆବେଦନକାରୀମାନେ ଫର୍ମ ପୂରଣ କରିବା ପରେ ସେମାନଙ୍କ ନିମନ୍ତେ ପ୍ରବେଶିକା ପରୀକ୍ଷା ଶେଷ ହୋଇଥିଲା। ଏ ପର୍ଯ୍ୟନ୍ତ ମେଡିକାଲ ଟେଷ୍ଟ କରାଯାଇ ନ ଥିବାରୁ ଟ୍ରାଫିକ୍ ସ୍ୱେଚ୍ଛାସେବୀମାନେ କାର୍ଯ୍ୟରେ ଯୋଗ ଦେଇପାରି ନାହାନ୍ତି। ନିୟମ ଅନୁସାରେ, ୧ବର୍ଷର ଚୁକ୍ତି ଥିବାରୁ ଗତବର୍ଷ କାର୍ଯ୍ୟରେ ଯୋଗ ଦେଇଥିବା ଭଲ୍ୟୁଣ୍ଟର୍‌ଙ୍କ କାର୍ଯ୍ୟକାଳ ପୂରଣ ହୋଇଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ ନୂଆ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଥିଲା। ବିଭାଗୀୟ ମନ୍ଥରତା ହେତୁ ନୂଆ ନିଯୁକ୍ତି କରାଯାଇ ନାହିଁ। ଯେଉଁଥି ପାଇଁ ଟ୍ରାଫିକ୍ ପରିଚାଳନାରେ ବିଭ୍ରାଟ୍ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଟ୍ରାଫିକ୍ ଏସିପି ସୁଶାନ୍ତ କୁମାର ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ଖୁବଶୀଘ୍ର ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କର ମେଡିକାଲ ଟେଷ୍ଟ କରାଯାଇ ନିଯୁକ୍ତି ଦିଆଯିବ।




ପ୍ରକାଶ ଥାଉ କି, ପୁଲିସ ବିଜ୍ଞପ୍ତି ଅନୁସାରେ ନିଯୁକ୍ତ ହେବାକୁ ଥିବା ଭଲ୍ୟୁଣ୍ଟର୍‌ମାନେ କଟକ ସହରର ୩ଟି ଟ୍ରାଫିକ୍ ପୋଷ୍ଟର ନାଁ ଦାଖଲ କରିବେ। ଡ୍ୟୁଟି ସମୟ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା କିମ୍ବା ସନ୍ଧ୍ୟା ୫ଟାରୁ ରାତି ୮ଟା ମଧ୍ୟରୁ ଗୋଟିଏ ସମୟ ବାଛିବାକୁ ହେବ। ଭଲ୍ୟୁଣ୍ଟର୍‌ମାନେ ନିଜ ଅଞ୍ଚଳର ୨ଜଣ ଭଦ୍ର ବ୍ୟକ୍ତି (ଥାନାରେ ମାମଲା ନ ଥିବା ବ୍ୟକ୍ତି)ଙ୍କ ସ୍ୱାକ୍ଷର ଏବଂ ସେ ପଢୁଥିବା ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସ୍ୱାକ୍ଷର ସମ୍ବଳିତ ଫର୍ମ ଦେବାକୁ ହେବ। ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ପ୍ରାର୍ଥୀଙ୍କର ଫୌଜଦାରୀ ମାମଲା ନ ଥିବା। ସେ ଉତ୍ତମ ଚରିତ୍ରର ହୋଇଥିବା ଆବଶ୍ୟକ। ନିଜ ନାମରେ ଜାତୀୟ ବ୍ୟାଙ୍କ୍‌ରେ ଜମାଖାତା ରହିଥିବ। ଟ୍ରାଫିକ୍ ପୋଷ୍ଟରେ କାର୍ଯ୍ୟ କରିବା ସମୟରେ ପଥଚାରୀଙ୍କୁ ଉତ୍ତମ ବ୍ୟବହାର କରିବା ଓ ପୁଲିସ କମିଶନରେଟ୍ ଲୋଗୋ ଥିବା ଟିସାର୍ଟ ଓ ପ୍ୟାଣ୍ଟ ପିନ୍ଧିବାକୁ ହେବ। ଟ୍ରାଫିକ୍ ଭଲ୍ୟୁଣ୍ଟର୍‌ମାନେ ଡ୍ୟୁଟି ସମୟରେ କୌଣସି ଯଦି କୌଣସି ଦୁର୍ଘଟଣାର ଶିକାର ହୁଅନ୍ତି, ତେବେ ପୁଲିସ ଅଧିକାରୀ ତଥା କମିଶନରେଟ୍ ପୁଲିସ ଦାୟୀ ରହିବେ ନାହିଁ। ଯଦି କୌଣସି ଭଲ୍ୟୁଣ୍ଟର୍ ପୁଲିସର ନିୟମାବଳୀକୁ ଉଲ୍ଲଙ୍ଘନ କରନ୍ତି, ତେବେ ଯେକୌଣସି ସମୟରେ ସେମାନଙ୍କୁ ବହିଷ୍କୃତ କରାଯିବ। ଏହି ଭଲ୍ୟୁଣ୍ଟର୍ ନିଯୁକ୍ତି ଏକ ସ୍ଥାୟୀ ଚାକିରୀ ନୁହେଁ ବୋଲି ପୁଲିସ ଜଣାଇଛି। ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଆଶାୟୀମାନେ ଏହି ନିୟମକୁ ପାଳନ କରିବେ। ବିଭାଗ ପକ୍ଷରୁ ମେଡିକାଲ୍ ଟେଷ୍ଟ କରାଯିବା ପରେ ପୋଷାକ ଓ ଜୋତା ବଣ୍ଟନ କରାଯିବ। ଖୁବଶୀଘ୍ର ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପଟେ କଟକରେ କାର୍ଯ୍ୟରତ ୧୫୦ ଟ୍ରାଫିକ୍ ପୁଲିସଙ୍କ ମଧ୍ୟରୁ ୧୨୦ଜଣ ପୁରୁଷ ହୋଇଥିବା ବେଳେ ୩୦ଜଣ ମହିଳା ପୁଲିସ। ଟ୍ରାଫିକ୍ ପୋଷ୍ଟ ନିକଟରେ ଆଦୌ ଶୌଚାଳୟ ନ ଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ୧୨୦ଜଣ ଟ୍ରାଫିକ୍ ଭଲ୍ୟୁଣ୍ଟର୍ ନିଯୁକ୍ତ ହେବା ପରେ ଟ୍ରାଫିକ୍ ସମସ୍ୟାରେ କିଛିଟା ସୁଧାର ଆସିବ ବୋଲି କୁହାଯାଉଛି।

# ବାରବାଟୀ-କଟକ ବିଜେଡିର ମିଶ୍ରଣ ପର୍ବ

**କଟକ,୧୫।୪(ସମିସ):** ବାରବାଟୀ କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୫,୧୭,୧୯ ନମ୍ବର୍ ୱାର୍ଡର ବହୁ ବିଜେପି ଓ କଂଗ୍ରେସ କର୍ମୀ ନିଜ ଦଳ ପରିତ୍ୟାଗ କରି ରାଜ୍ୟସଭା ସାଂସଦ ତଥା ଜିଲ୍ଲା ସଭାପତି ଦେବାଶିଷ ସାମନ୍ତରାୟ ଓ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡିର ବରିଷ୍ଠ ନେତା ମହମ୍ମଦ ସକିଲ, ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



'ଆମ ସଂସ୍କୃତି' ପକ୍ଷରୁ ବୈଶାଖୀ ଉତ୍ସବ

# ଡା. ବିଦ୍ୟୁତ୍ ଦାସଙ୍କୁ ବୈଶାଖୀ ସମ୍ମାନ

କଟକ,୧୫।୪(ସମିସ)




ଅଗ୍ରଣୀ ସାମାଜିକ ଅନୁଷ୍ଠାନ "ଆମ ସଂସ୍କୃତି' ପକ୍ଷରୁ ଓଡ଼ିଆ ନବବର୍ଷ ଉତ୍ସବ ଓ ବୈଶାଖୀ ସମ୍ମାନ ପ୍ରଦାନ ସମାରୋହ ଶତାବ୍ଦୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସୁକାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବରିଷ୍ଠ ବିଚାରପତି ଜଷ୍ଟିସ୍ ମଦନମୋହନ ଦାସ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକା ଡକ୍ଟର ଅପର୍ଣ୍ଣା ମହାନ୍ତି ଯୋଗଦେଇ ଓଡ଼ିଆ ସଂସ୍କୃତିର ମହାନତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଚଳିତବର୍ଷର ମର୍ଯ୍ୟାଦାଜନକ "ବୈଶାଖୀ ସମ୍ମାନ' ବିଶିଷ୍ଟ ଚିକିତ୍ସା ବିଶେଷଜ୍ଞ ପ୍ରଫେସର୍ ଡାକ୍ତର ବିଦ୍ୟୁତ୍ ଦାସଙ୍କୁ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ସମାଜସେବୀ ଶରତ କୁମାର ସାହୁଙ୍କୁ "ଗୋପବନ୍ଧୁ ସେବା ସମ୍ମାନ' ଓ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ଆଶିଷ କୁମାର ଦାସଙ୍କୁ "ଉତ୍କଳ ସଂସ୍କୃତି ରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ସଚ୍ଚିକାନ୍ତ ନାଥ ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବିବରଣୀ ରଖିଥିଲେ। ମୁଖ୍ୟ ଉପଦେଷ୍ଟା ରବୀନ୍ଦ୍ରନାଥ ମହାନ୍ତି, ଉପଦେଷ୍ଟା ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକଙ୍କ ତତ୍ତ୍ୱବଧାନରେ ବ୍ୟଙ୍ଗକବି ଡକ୍ଟର ଧର୍ମଛଡ଼ା, ସହ ସମ୍ପାଦକ ସୁରେଶ ଚନ୍ଦ୍ର ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ଏସ୍. ସୁଧାକିରନ୍, ସୁମନ୍ତ ସାହୁ, ସତ୍ୟରଞ୍ଜନ ସାହୁ, ଅଶୋକ ଜେନା, ଦେବେନ୍ଦ୍ର ସାହୁ, ଅମ୍ବିକା ପ୍ରସାଦ ବେହେରା, ସ୍ମୃତି ରଞ୍ଜନ ସାମଲ, ଅମୂଲ୍ୟ ନାୟକ, ଅଶୋକ ବିଶ୍ୱାଳ, ବସନ୍ତ ସାହୁ, ରମେଶ ରାଉତ, ଜଗନ୍ନାଥ ସାହୁ, ତପନ ବେହେରା, ସସ୍ମିତା ସାହୁ, ଗୀତାଞ୍ଜଳି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମୃଦ୍ଧି ପରିଜା ମାନପତ୍ର ପାଠ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ବେହେଲା ଗୁରୁ ଅଜୟ କୁମାର ବାରିକ ଓ ତବଲା ଗୁରୁ ମନୋରଞ୍ଜନ ଅଧିକାରୀ ସଙ୍ଗୀତ ପରିବେଷଣ କରିଥିବା ବେଳେ ନୃତ୍ୟାଙ୍ଗନା କେ. ଲିକିତା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ କଳିଙ୍ଗ ଏକ୍ସ ସର୍ଭିସ୍‌ମେନ୍ ଲିଗ୍‌ର ସଭାପତି ଦିଲ୍ଲୀପ ମହାପାତ୍ର, ସମ୍ପାଦକ କିଶୋରଚନ୍ଦ୍ର ମହାପାତ୍ର, ଶିକ୍ଷକ ମାନସ ରଞ୍ଜନ ପାଣିଗ୍ରାହୀ, ତବଲା ଗୁରୁ ମନୋରଞ୍ଜନ ଅଧିକାରୀ, ବେହେଲା ଗୁରୁ ଅଜୟ ବାରିକ, ବ୍ୟଙ୍ଗ କବି ଡକ୍ଟର ଧର୍ମଛଡ଼ା, ଛାତ୍ରୀ ସମୃଦ୍ଧି ପରିଜା, କେ. ଲିତିକା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଡିଏଭି ଏସସିବି ମେଡିକାଲ୍ ପବ୍ଲିକ୍ ସ୍କୁଲ ଗାଇଡ୍ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରି ଦାସ, ଶିକ୍ଷାବିତ୍ ଡକ୍ଟର ହେମେନ୍ଦ୍ର ନାରାୟଣ ଦାସ, ଅବସରପ୍ରାପ୍ତ ଡିସିପି ଶ୍ରୀକୃଷ୍ଣ ସାମଲ, କର୍ପୋରେଟର ଯତୀନ ବେହେରା, କର୍ମଚାରୀ ନେତା ବ୍ରଜ ନନ୍ଦ, ଆଇନଜୀବୀ ଚୌଧୁରୀ ଅଶ୍ୱିନୀ ଦାସ, ଆଇନଜୀବୀ କୈଳାସ ଶତପଥୀ, ପରୀକ୍ଷିତ ବେହେରା, ରଘୁନାଥ ଜେନା, ଯୋଗଗୁରୁ ସାଗରିକା ଜେନା, ଭେଟେରାନ୍ ସୈନିକମାନେ ଓ ଯୋଗାନୁଷ୍ଠାନର ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ● ସାଲେପୁର ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା

# ଫାଶୀ ଦଣ୍ଡାଦେଶ ସମ୍ପର୍କିତ ଶୁଣାଣି ହାଇକୋର୍ଟରେ ଜାରି

**କଟକ,୧୫।୪(ସମିସ):** ସାଲେପୁରର ବହୁଚର୍ଚ୍ଚିତ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାରେ ଅଭିଯୁକ୍ତ ମହମ୍ମଦ ମୁସ୍ତାକକୁ ନିମ୍ନ ଅଦାଲତ ଦୋଷୀ ସାବ୍ୟସ୍ତ ସହ ଫାଶୀ ଦଣ୍ଡ ଦେବା ପ୍ରସଂଗରେ ଶୁଣାଣି କରିଛନ୍ତି ହାଇକୋର୍ଟ। ଫାଶୀ ଦଣ୍ଡକୁ ବିରୋଧ କରି ଦୋଷୀ ପକ୍ଷରୁ ଦାୟର କ୍ରିମିନାଲ ଅପିଲ ଓ ଏହି ମୃତ୍ୟୁ ଦଣ୍ଡାଦେଶକୁ ଅନୁମୋଦନ କରିବାକୁ ସରକାରଙ୍କ ପକ୍ଷରୁ ହୋଇଥିବା ଆବେଦନକୁ ହାଇକୋର୍ଟ ଶୁଣାଣି କରିଛନ୍ତି। ହାଇକୋର୍ଟ ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ଅସଂପୂର୍ଣ୍ଣ ରହିଥିଲା ବେଳେ ମଙ୍ଗଳବାର ମଧ୍ୟ ମାମଲାର ଶୁଣାଣି ହେବ। କଟକ ତୃତୀୟ ଅତିରିକ୍ତ ଦୌରା ଜଜ୍ ତଥା ଚିଲଡ୍ରେନ କୋର୍ଟ ୨୦୧୯, ସେପ୍ଟେମ୍ବର ୧୯ରେ ମୁସ୍ତାକକୁ ଫାଶୀ ଦଣ୍ଡ ପ୍ରଦାନ କରିଥିଲେ। ମାମଲାରୁ ପ୍ରକାଶ ଯେ ମୁସ୍ତାକକୁ ଆଇପିସିର ଦଫା ୩୦୨, ୩୭୬ଏବି, ୩୬୩ ଓ ପୋକ୍ସୋ ଆଇନର ଧାରା ୬ରେ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଥିଲେ ନିମ୍ନ ଅଦାଲତ। ୨୦୧୮, ଏପ୍ରିଲ ୨୧ ତାରିଖ ରାତିରେ ସାଲେପୁର ଥାନା ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ୍ ଫଗୋଳ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ୬ ବର୍ଷର ଶିଶୁ କନ୍ୟାକୁ ଚକୋଲେଟ୍ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲା ମୁସ୍ତାକ। ୨୦୧୮, ଏପ୍ରିଲ ୨୯ରେ ଚିକିତ୍ସିତ ଅବସ୍ଥାରେ ପୀଡିତାଙ୍କ ମୃତ୍ୟୁ ହୋଇଥିଲା। ମାମଲା ରୁଜୁ ହେବାର ମାତ୍ର ୨୧ ଦିନ ମଧ୍ୟରେ ୨୦୧୮, ମେ' ୧୦ରେ ୫୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ ହୋଇଥିଲା। ସରକାରଙ୍କ ତରଫରୁ ଏଜିଏ ଜନ୍ମେଜୟ କଟିକିଆ ମାମଲା ପରିଚାଳନା କରୁଛନ୍ତି।

# ଏଚ୍‌ଆର୍‌ପିସି ପ୍ରକୋଷ୍ଠରେ କାର୍ଯ୍ୟରତ ଡିଏସ୍‌ପିଙ୍କ ବିୟୋଗ



**କଟକ,୧୫।୪(ସମିସ):** ମାନବାଧିକାର ସୁରକ୍ଷା ପ୍ରକୋଷ୍ଠ (ଏଚଆରପିସି)ରେ କାର୍ଯ୍ୟରତ ଥିବା ଡିଏସପି ଅଳାବତୀ ଆର୍ଣ୍ଣୁ ମାରାଣ୍ଡୀଙ୍କ ଅକାଳ ବିୟୋଗ ଘଟିଛି। ଦୀର୍ଘଦିନ ଧରି ସେ ଦୂରାରୋଗ୍ୟରେ ପୀଡିତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ଅପରାହ୍ନରେ ତାଙ୍କର ଦେହାନ୍ତ ଘଟିଥିଲା। ଏହି ଅବସରରେ ଆଜି ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠ ପରିସରରେ ସ୍ୱତନ୍ତ୍ର ଆରକ୍ଷୀ ମହାନିର୍ଦ୍ଦେଶକ ଲଳିତ ଦାସଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଏହି ଶୋକସଭାରେ ଯୋଗଦେଇ ସ୍ୱର୍ଗତ ଶ୍ରୀମତୀ ମାରାଣ୍ଡିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ମାରାଣ୍ଡି ଜଣେ ଦକ୍ଷ ପୁଲିସ ଅଧିକାରୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି ସ୍ୱତନ୍ତ୍ର ଆରକ୍ଷୀ ମହାନିର୍ଦ୍ଦେଶକ ମତବ୍ୟକ୍ତ କରିଥିଲେ। ଏହି ଶୋକସଭାରେ ଏସପି (ଏଚଆରପିସି) ଆରକେ. ସେନାପତିଙ୍କ ସମେତ ଅତିରିକ୍ତ ଏସପି, ଡିଏସପି ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ସୁନାଦୂବ ପକ୍ଷରୁ ଓଡ଼ିଆ ନବବର୍ଷ

**କଟକ,୧୫।୪(ସମିସ):** ସାମାଜିକ ଅନୁଷ୍ଠାନ ସୁନାଦୂବ ପକ୍ଷରୁ ପିଠାପୁର, ତାରାଚାନ୍ଦପାଟଣାସ୍ଥିତ ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନ ତରଫରୁ ପଣା ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ସାହି ବାସିନ୍ଦା ତଥା ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କ ମଧ୍ୟରେ ପଣା ବଣ୍ଟନ କରାଯାଇଥିଲା। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ଶୁଭ୍ରାଂଶୁ ମିଶ୍ର, ମଞ୍ଜୁଲତା ଜେନା, ସଙ୍ଗୀତା ଦାସଙ୍କ ସମେତ ଉକ୍ତ ସାହିର ଅଂଶୁମାନ ମିଶ୍ର, ଅନିକେତ ମିଶ୍ର, ରାଜା, ସାହିଲ୍, ପ୍ରେମ୍ କୁମାର ପ୍ରଭୃତି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




## ବଢୁଛି ଗ୍ରୀଷ୍ମପ୍ରବାହ

# ସରକାରୀ କାର୍ଯ୍ୟାଳୟରେ ନାହିଁ ପାଣି ବ୍ୟବସ୍ଥା

**ବାଙ୍କୀ, ୧୫।୪(ସମିସ)**

ଧୀରେ ଧୀରେ ପାରାର ମାତ୍ରା ବଢ଼ିବା ସହ ଗ୍ରୀଷ୍ମର ପ୍ରଭାବରେ ସାରାରାଜ୍ୟ କଲବଲ ହେଉଛି। ଜଳ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକସ୍ତରରେ ଉଦ୍ୟମ କରାଯାଉଥିବା ବେଳେ ତାହାର କାର୍ଯ୍ୟକାରିତା ବିଭିନ୍ନ ସମୟରେ ସନ୍ଦେହ ଘେରରେ ରହିଆସୁଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଥାଏ। ଏହି ନିଦାଘରେ

**● ଖରାରେ ଆଉଟୁପାଉଟୁ ଜନସାଧାରଣ**

ପାଣି ଟୋପେ ନ ପାଇ କଲବଲ ହେଉଛନ୍ତି ସରକାରୀ କାର୍ଯ୍ୟାଳୟର କର୍ମଚାରୀଙ୍କ ସହ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ। ଏପରି ଦେଖିବାକୁ ମିଳୁଛି କଟକ ଜିଲ୍ଲା ବାଙ୍କୀ ସବ୍‌ଡିଭିଜନ ଅନ୍ତର୍ଗତ ବାଙ୍କୀ-ଡମପଡ଼ା ବ୍ଲକ ଅଞ୍ଚଳରେ। ବ୍ଲକ ଅନ୍ତର୍ଗତ ଡମପଡ଼ା ତହସିଲ, କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଦୀର୍ଘ ୨୫ ଦିନ ହେବ ଏଭଳି ସମସ୍ୟା ଲାଗି ରହିଛି।




ପାଣି ଟୋପେ ପିଇବା ପାଇଁ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀମାନେ ପାଉ ନ ଥିବା ବେଳେ ସରକାରୀ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ଜନସାଧାରଣମାନେ ବ୍ୟବସ୍ଥା ଉପରେ ଉପହାସ କରୁଥିବା ଦେଖିବାକୁ ମିଳୁଛି। କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଏବଂ ଡମପଡ଼ା ତହସିଲ୍ କାର୍ଯ୍ୟାଳୟ ପରି ସରକାରୀ କାର୍ଯ୍ୟାଳୟରେ ଏତେ ଦିନ ଧରି ଜଳଯୋଗାଣ ବନ୍ଦ ରହିବା ତାହା ପୁଣି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଘଟଣାର ସମାଧାନ ପାଇଁ କାର୍ଯ୍ୟାଳୟ କିମ୍ବା ଜଳଯୋଗାଣ ବିଭାଗ ଦୃଷ୍ଟି ନ ଦେବା ଯୋଗୁଁ ଜନସାଧାରଣ ପାଣି ଟୋପେ ନ ପାଇ ମଧ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର କାର୍ଯ୍ୟାଳୟରେ ଜଳଯୋଗାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

## ଚୁଡୁମୁଆଁ ଭୋଗକୁ ଜିଆଇ ମାନ୍ୟତା ପାଇଁ ଦାବି

**ମାହାଙ୍ଗା, ୧୫।୪(ସମିସ):** ମାହାଙ୍ଗା ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡେଇ ମହାବିଷୁବ ସଂକ୍ରାନ୍ତି ଅବସରରେ ମାହାଙ୍ଗାର ବିଭିନ୍ନ ସ୍ଥାନରେ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଉମର ପଞ୍ଚାୟତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିବା ସମୟରେ ହନୁମାନଙ୍କ ପ୍ରସିଦ୍ଧ ଭୋଗ ଚୁଡୁମୁଆଁକୁ କିପରି ଜିଆଇ ମାନ୍ୟତା ମିଳିବ ସେଠାରେ ଉପସ୍ଥିତ ଥିବା ଭକ୍ତ, ବୁଦ୍ଧିଜୀବୀ ଓ ପୂଜକ ତାଙ୍କୁ ଜଣାଇଥିଲେ। ଏହାକୁ ଉପଲକ୍ଷ କରି କୁଆଁପାଳସ୍ଥିତ କୁଆଁପାଳ ବିଜେପି କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ଶ୍ରୀ ଘଡେଇ ଉମର ପ୍ରସିଦ୍ଧ ଚୁଡୁମୁଆଁ ଭୋଗକୁ ଜିଆଇ ମାନ୍ୟତା ନିମନ୍ତେ ସେ ରାଜ୍ୟପାଳଙ୍କଠାରେ ଦାବି କରିଥିବା ସୂଚନା ଦେଇଛନ୍ତି। ଇ-ମେଲ ଜରିଆରେ ରାଜ୍ୟପାଳଙ୍କୁ ଏହି ପତ୍ର ପଠାଇଥିବା ସେ କହିଛନ୍ତି। ଏହି ସମ୍ମିଳନୀରେ ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ସମୀର ସାମଲ, ବରିଷ୍ଠ ବିଜେପି ନେତା ନାରାୟଣ ସେଠୀ, ନାରୀନେତ୍ରୀ ଅହଲ୍ୟା ଜେନା, ପରେଶ ପ୍ରଧାନ, ଅଶୋକ ସେଠୀ, ଅକ୍ଷୟ ରାଉତ, ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କଟକ ସଦର କଂଗ୍ରେସ ବିଧାୟକ ପ୍ରାର୍ଥୀ ହେଲେ ରାମଚନ୍ଦ୍ର ଗୋଛାୟତ

**କଟକ, ୧୫।୪(ସମିସ):** କଟକ ସଦର(ସଂରକ୍ଷଣ) ବିଧାନସଭା ନିର୍ବାଚନୀମଣ୍ଡଳୀ ପାଇଁ ଭାରତୀୟ ଜାତୀୟ କଂଗ୍ରେସର ବିଧାୟକ ପ୍ରାର୍ଥୀ ରୂପେ ରାମଚନ୍ଦ୍ର ଗୋଛାୟତଙ୍କ ନାମ ଘୋଷଣା କରାଯାଇଛି। ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪୨ମୌଜାର ଦଧିବାମନପୁର ଅଞ୍ଚଳର ବାସିନ୍ଦା ଶ୍ରୀ ଗୋଛାୟତ ଜଣେ ଭଦ୍ର ଓ ସୁସଂଗଠକ ଭାବେ ପରିଚିତ। କଟକ ସଦର ବ୍ଲକ କଂଗ୍ରେସ ସଭାପତି ରୂପେ କାର୍ଯ୍ୟରତ ଥିବା ରାମଚନ୍ଦ୍ରଙ୍କ ନାମ ଦଳ ପକ୍ଷରୁ ଘୋଷଣା ହେବା ପରେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି। ପ୍ରାର୍ଥୀ ରୂପେ ଟିକେଟ ମିଳିବା ପରେ, ସେ ସମସ୍ତ କଂଗ୍ରେସ ପ୍ରେମୀଙ୍କୁ ସାଥୀରେ ନେଇ ଲୋକଙ୍କ ପାଖକୁ ଯିବେ ବୋଲି



ପ୍ରତିକ୍ରିୟାରେ କହିଛନ୍ତି। ଗତକାଲି ରାତିରେ ପ୍ରାର୍ଥୀ ଘୋଷଣା ହେବା ପରେ ଆଜି ସକାଳେ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ଜନସାଧାରଣ ବେଣ୍ଟକାର ଠାରେ ଏକତ୍ରିତ ହୋଇ ଶ୍ରୀ ଗୋଛାୟତଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ରଜ ମହୋତ୍ସବ ପାଳନ ପ୍ରସ୍ତୁତି ବୈଠକ

**ଟାଙ୍ଗୀ, ୧୫।୪(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ସର୍ଦ୍ଦୋଳା ମିନି ଷ୍ଟାଡିୟମ ପରିସରରେ ମିନି ଷ୍ଟାଡିୟମ ବିକାଶ ପରିଷଦ ଦ୍ୱାରା ତୃତୀୟ ବାର୍ଷିକ ରଜମହୋତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଲଖ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବିଜୟ କୁମାର ସାହୁ ଯୋଗଦେଇ ଚଳିତ ବର୍ଷ ଜୁନ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ରଜମହୋତ୍ସବ ପାଳନ କରାଯିବ। ଉକ୍ତ ତିନିଦିନିଆ କାର୍ଯ୍ୟକ୍ରମରେ ବାଳକ, ବାଳିକା ଓ ମହିଳାଙ୍କ ମଧ୍ୟରେ ପୁଚି, ଦୌଡ଼ିଡିଆଁ, ଶଙ୍ଖଫୁଙ୍କା, ହୁଳହୁଳି, ମୁରୁଜ, ଚିତ୍ରାଙ୍କନ, ସାଧାରଣଜ୍ଞାନ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯିବ। ବିଭିନ୍ନ ଦିବସରେ ସାଂସଦ, ବିଧାୟକ ଓ ରାଜ୍ୟସ୍ତରୀୟ ବିଶିଷ୍ଟ ଲୋକ ଯୋଗଦାନ କରିବେ ବୋଲି ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ମିନି ଷ୍ଟାଡିୟମ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ପାଇଁ କୁହାଯାଇଛି।

## ବିଷୁବ ସାହିତ୍ୟ ମିଳନ ଉତ୍ସବ

**ବାଙ୍କୀ, ୧୫।୪(ସମିସ):** ବାଙ୍କୀ ପ୍ରେସ କ୍ଲବ ବିଦ୍ୟାରତ୍ନ ଭବନଠାରେ ମାସିକ ସାହିତ୍ୟ ଆସର ପକ୍ଷରୁ ବିଷୁବ ମିଳନ ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସାହିତ୍ୟ ଆସର ସଭାପତି ଇଂ ସତ୍ୟବ୍ରତ ରଥ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ମୁଖ୍ୟବକ୍ତା ଭାବେ ବାଙ୍କୀ କଲେଜ ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରାଧ୍ୟାପକ ଡକ୍ଟର ମୁରଲୀଧର ରଥ, ସମ୍ମାନିତ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସଚନ୍ଦ୍ର ପାଢ଼ୀ ଓ ପ୍ରେସ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦାନ କରି ବିଷୁବ ମିଳନର ତାତ୍ପର୍ଯ୍ୟ ବିଷୟରେ ଉଲ୍ଲେଖ କରିଥିଲେ। କବୟିତ୍ରୀ ଅମୂଲ୍ୟବାଳା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପୂର୍ବରୁ ବିଷୁବ ମିଳନ ସମ୍ପର୍କୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ କବି, କବୟିତ୍ରୀ ଓ ଅତିଥିମାନଙ୍କୁ ବିଷୁବ ପଣା ବଣ୍ଟନ କରାଯାଇଥିଲା। କବି ସୁରେଶଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାପର୍ବତ ସାହିତ୍ୟ ସଂସଦ ଶଙ୍ଖନାଦର ପ୍ରସ୍ତୁତି ବୈଠକ

**ବାଙ୍କୀ, ୧୫।୪(ସମିସ):** ବାଙ୍କୀ ଅଗ୍ରଣୀ ମହାପର୍ବତ ସାହିତ୍ୟ ସଂସଦ ଶଙ୍ଖନାଦର ଅଷ୍ଟଦଶତମ ରାଜ୍ୟସ୍ତରୀୟ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ପଣା ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହୋଇଯାଇଛି। କବି ମନ୍ମଥ ସ୍ୱାଇଁଙ୍କ ବାଙ୍କୀ ଶ୍ରୀଚନ୍ଦନପୁରସ୍ଥ ବାସଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବି ସୁରେଶ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ ସାହୁ, ସମ୍ପାଦକ ବସନ୍ତ ସାହୁ, ମନ୍ମଥ ସ୍ୱାଇଁ, ଶକୁନ୍ତଳା ମଲ୍ଲିକ, କାର୍ତ୍ତିକଚନ୍ଦ୍ର ମଲ୍ଲିକ ପ୍ରମୁଖ ଆସନ୍ତା ୨୮ ତାରିଖରେ ବାଙ୍କୀ ଢଁସର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ବେଲାବଳୀଙ୍କ ପୀଠରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କବି କବୟିତ୍ରୀ ଓ ଲେଖକମାନେ ଯୋଗଦେବା ପାଇଁ ଅନୁଷ୍ଠାନ ତରଫରୁ ଅନୁରୋଧ କରାଯାଇଛି।

## ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



**ବଡମ୍ବା, ୧୫।୪(ସମିସ):** ବଡମ୍ବା ବ୍ଲକ ଅନ୍ତର୍ଗତ ବାଙ୍ଗିରିସିଂହା ଦୁର୍ଗାଦେବୀ ବିଏନଟି ନୋଡାଲ ବିଦ୍ୟାପୀଠରେ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା କ୍ରୀଡା, ଚିତ୍ରାଙ୍କନ, ନାଚ, ଗୀତ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀନିବାସ ପ୍ରଧାନ ମୁଖ୍ୟଅତିଥି, ବଡମ୍ବା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିବେକାନନ୍ଦ ସାହୁ ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରେନ୍ଦ୍ର ରଥ ଓ ତାଳ ମୁଣ୍ଡଳୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ରମୋହନ ପ୍ରଧାନ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୋମନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ନାୟକ ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ମନ୍ଦାକିନୀ ସ୍ୱାଇଁ, ସୁନିତା ସାମଲ, ନମିତା ପରିଡ଼ା, ଶିକ୍ଷକ ଉମ୍ମୁରୁଧର ହେମ୍ବ୍ରମ, ବିନୟ ଭୂଷଣ ବେହେରା, ଶିକ୍ଷୟିତ୍ରୀ ସୁପ୍ରଭା ଦେଇ, ଶୁଭଶ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଦିଲ୍ଲୀପ ସ୍ୱାଇଁ ଓ ସଦସ୍ୟ ପ୍ରଭାତ ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଶିକ୍ଷକ ନିରାକାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କନ୍ଦରପୁର ଥାନା ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ

**କଟକ, ୧୫।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନରେ ଶାନ୍ତିଶୃଙ୍ଖଳା ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଓ ସାଧାରଣ ଜନତାଙ୍କୁ ଭୟମୁକ୍ତ କରିବା ଉଦ୍ଦେଶ୍ୟରେ କଟକ କମିଶନରେଟ ପୁଲିସ ଅଧୀନ କନ୍ଦରପୁର ଥାନା ପୁଲିସ ପକ୍ଷରୁ ଥାନା ଅଧୀନରେ ଥିବା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଆଇଆଇସି ରାଧାକାନ୍ତ ସାହୁଙ୍କ ନେତୃତ୍ୱରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର ୧ ପ୍ଲାଟୁନ ଫୋର୍ସ କନ୍ଦରପୁର ବଜାର, ମଣ୍ଡଗଜପୁର, ରାଜହଂସ, ବମ୍ଭରି, ନିମେଇସାପୁର ଆଦି ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିବା ସହ ସୁରକ୍ଷା ଦୃଷ୍ଟିକୋଣରୁ ଭୋଟ ଗ୍ରହଣ କେନ୍ଦ୍ର ଗୁଡ଼ିକ ନିରୀକ୍ଷଣ କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ଅସାମାଜିକ ବ୍ୟକ୍ତିମାନେ ଯଦି କୌଣସି ବିଶୃଙ୍ଖଳା ସୃଷ୍ଟି କରନ୍ତି ତା'ହେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେବା ସହ ସାଧାରଣ ଜନତା ଭୟମୁକ୍ତ ହୋଇ ନିର୍ଦ୍ୱନ୍ଦ୍ୱରେ ଭୋଟ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଏହି ଫ୍ଲାଗମାର୍ଚ୍ଚରେ ଥାନା ଏଏସଆଇ ଅଜିତ ପ୍ରସାଦ ମହାନ୍ତି, ଏଏସଆଇ ଦିଲୀପ ସ୍ୱାଇଁଙ୍କ ସହିତ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର ଅଧିକାରୀ ଯୋଗଦେଇଥିଲେ।



## ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ



**ନିଶ୍ଚିନ୍ତକୋଇଲି, ୧୫।୪(ସମିସ):** ନିଶ୍ଚିନ୍ତକୋଇଲି ମୁଖ୍ୟାଳୟରେ ଥିବା ଅହମ୍ମଦ ବକ୍ସ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ୧୯୭୪ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଆସନ୍ତା ସେପ୍ଟେମ୍ବରରେ ଏହି ଜୟନ୍ତୀ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ହରପ୍ରିୟା ମାର୍କେଟ କମ୍ପ୍ଲେକ୍ସଠାରେ ପୂରାତନ ଛାତ୍ର ଶ୍ରୀଧର ଶେଖର ମହାପାତ୍ରଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମରେ ଇଂ.ରଶ୍ମିରଞ୍ଜନ ରାୟ, ନିତ୍ୟାନନ୍ଦ ପରିଜା, ଅଲେଖ ଚନ୍ଦ୍ର ସାହୁ, ନିରଞ୍ଜନ ବେହେରା, ସୁଲଭ ବେହେରା, ସୌରୀ ପ୍ରସାଦ ସାହୁ, ଗଗନବିହାରୀ ମହାପାତ୍ର, ଇବ୍ରାହିମ୍ ଖାଁ, ଧରଣୀଧର ବେଜ, ବ୍ରହ୍ମାନନ୍ଦ ବେଜ, ନିରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମକୁ କିଭଳି ପାଳନ କରାଯିବ ସେ ସଂକ୍ରାନ୍ତରେ ବିଷଦ ଆଲୋଚନା କରିଛନ୍ତି। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ସ୍ଥିର ହୋଇଛି। ଏଥିପାଇଁ ଏହି ବ୍ୟାଚର ସମସ୍ତ ସହପାଠୀଙ୍କ ସମେତ ୧୯୭୦ରୁ ୧୯୭୪ ତଥା ଅଷ୍ଟମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ପୁରାତନ ଛାତ୍ରଛାତ୍ରୀମାନେ ଏଥିରେ ସହଯୋଗ କରିବା ପାଇଁ ନିବେଦନ କରାଯାଇଛି। ପ୍ରାରମ୍ଭରେ ଦିବଙ୍ଗତ ସହପାଠୀଙ୍କ ପାଇଁ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସାହିତ୍ୟିକ ଶାରଦା ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ଜୟନ୍ତୀ







**ନିଶ୍ଚିନ୍ତକୋଇଲି, ୧୫।୪(ସମିସ)**

ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ପୂର୍ବତନ ଆଇନମନ୍ତ୍ରୀ ଡ. ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଛି। ବ୍ଲକ କମିଟିର ସଭାପତି ରମାକାନ୍ତ ମହାନ୍ତିଙ୍କ ସଂଯୋଜନାରେ ଏଥିରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଦଳିତନେତା ବଟକୃଷ୍ଣ ବେହେରା, ଯୁବବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ, ଯୁବନେତା ଅଜିତ୍ ନାୟକ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସାମ୍ବାଦିକ ମନୋରଞ୍ଜନ ଭୂୟାଁଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ସଭାପତି, ଜନପ୍ରତିନିଧି ଓ ନେତୃବୃନ୍ଦ ଯୋଗଦେଇ ସ୍ୱର୍ଗତ ଆମ୍ବେଦକର ଦଳିତଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଭାରତ ସମ୍ବିଧାନରେ ଯେଉଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ଭୂପତିଭୂଷଣ ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଙ୍କୀ:** ବାଙ୍କୀ ଆଦିବାସୀ ହରିଜନ କଲ୍ୟାଣ ପରିଷଦ ପକ୍ଷରୁ ସମ୍ବିଧାନ ପ୍ରଣେତା ଡକ୍ଟର ବିଆର ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଆଦିବାସୀ ହରିଜନ କଲ୍ୟାଣ ପରିଷଦର ମୁଖ୍ୟ କେଶବଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଖିଳ ବୀରବର ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଡମପଡ଼ା ଆଞ୍ଚଳିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣା, ସାମ୍ବାଦିକ ଗୌରାଙ୍ଗ ବେହେରା, ବରିଷ୍ଠ ଆଦିବାସୀ ହରିଜନ ନେତା ଗୁରୁବାରୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ସ୍ୱର୍ଗତ ବି.ଆର ଆମ୍ବେଦକରଙ୍କ ଗୁଣଗାନ କରିଥିଲେ। ଦେବେନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଦିବାସୀ ହରିଜନ କଲ୍ୟାଣ ପରିଷଦ ସଭାପତି କେଶବ ଚନ୍ଦ୍ର ବେହେରା ଶେଷରେ ଧନ୍ୟବାଦ ଦେଇଥିଲେ।

**ଚୌଦ୍ୱାର:** ଭାରତୀୟ ଜନତା ପାର୍ଟିର ଚୌଦ୍ୱାର ମଣ୍ଡଳ ତରଫରୁ ମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବିଆର ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଦଳର କଟକ ଜିଲ୍ଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ପୌରପାଳିକା ୧୭ନଂ ୱାର୍ଡ ଦଳିତ ବସ୍ତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ହୋତା ଅତିଥି ଭାବେ ଯୋଗଦେଇ ଆମ୍ବେଦକରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହଂସ ଚରଣ ସାହୁ, ଦୁଃଶାସନ ମୁଦୁଲି, ଦେବେନ୍ଦ୍ର ଦାସ, ମାନସ ସାହୁ, ପ୍ରକାଶ ସାମଲ, ବିଶ୍ୱ ବିହାରୀ ସ୍ୱାଇଁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ମାହାଙ୍ଗା:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ପଞ୍ଚାୟତସ୍ଥ ଜେରକନ୍ଦଠାରେ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ବାବା ସାହେବ ଡ. ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଦସ୍ୟ କୃଷ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ମେକନ୍ କାର୍ଯ୍ୟକାରୀ ସଂଘର ସଭାପତି ତଥା ସମାଜସେବୀ ସୁଦର୍ଶନ ମଲିକ, ମୁଖ୍ୟବକ୍ତାଭାବେ ଆମ୍ବେଦକର ସ୍ମୃତି ପରିଷଦ ରାଜ୍ୟ ସଭାପତି ଶ୍ରୀକାନ୍ତ ସେଠୀ, ସମ୍ମାନୀତ ଅତିଥିଭାବେ କେନ୍ଦ୍ରାପଡ଼ାର ଭୀମ ଆର୍ମୀର ସଭାପତି ନଗେନ୍ଦ୍ର ଜେନା ଓ ଆଇନଜୀବୀ ରବୀନ୍ଦ୍ର ମଲିକ ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବି ନିରଞ୍ଜନ ମଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କଟକ ଜିଲ୍ଲା ଆମ୍ବେଦକର ସ୍ମୃତି ପରିଷଦର ସଭାପତି ଅଶୋକ ମଲିକ ଧନ୍ୟବାଦ ଦେଇଥିଲେ। ସୁନାକର ଜେନା, ଉଦ୍ଧବ ମଲିକ, ସୁନିତା ମଲିକ, ଟିକିନା ମଲିକ, ମମତା ମଲିକ, ବାବୁଲି ମଲିକ, ଅମୂଲ୍ୟ ଦାସ, ରଞ୍ଜନ ଜେନା, ସୁନାକର ଜେନାଙ୍କ ସମେତ ପରିଷଦର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

**ଆଠଗଡ଼:** ଭାରତରତ୍ନ ଡଃ ବିଆର ଆମ୍ବେଦକରଙ୍କ ଜୟନ୍ତୀ ସ୍ଥାନୀୟ ଆମ୍ବେଦକର ଭବନ ଠାରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ପରିଷଦର ସଭାପତି ବିଚିତ୍ରାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପୀତବାସ ନାଏକ, ବିପ୍ଳବ ନାଏକ, ଗଗନ ନାଏକ, ଅରୁପାନନ୍ଦ ମଲ୍ଲିକ, ଉମାକାନ୍ତ ସେଠୀ, ମମତା ନାଏକ, ରେଖା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ପରେ ସଂଗଠନ ପକ୍ଷରୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।






# ନାବାଳିକା ଅପହରଣ ଅଭିଯୋଗ; ଦୁଇ ଗିରଫ

**ଟାଙ୍ଗୀ, ୧୫।୪(ସମିସ):** ନାବାଳିକା ଅପହରଣ ଅଭିଯୋଗରେ କଟକ ଜିଲ୍ଲା ଟାଙ୍ଗୀ ପୁଲିସ ସୋମବାର ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଦୁଇଜଣଙ୍କ ମଧ୍ୟରୁ ଜଣେ ଟାଙ୍ଗୀ ଥାନା ବିଲତେରୁଆଁ ବାସିନ୍ଦା ଅବଦୁଲ ହୁସେନ ଖାନ୍ (୪୨) ଓ ଅନ୍ୟଜଣେ ଚୌଦ୍ୱାର ଥାନା ଅନ୍ତର୍ଗତ ଡାଳିଯୋଡା ବ୍ରହ୍ମପୁର ଗ୍ରାମର ସେକ ସଲାମତ ମହମ୍ମଦ (୫୩)। ମାତ୍ର ନାବାଳିକା ଜଣକ ଉଦ୍ଧାର ହୋଇ ନ ଥିବା ଜଣାପଡ଼ିଛି। ଖୁବଶୀଘ୍ର ନାବାଳିକା ଉଦ୍ଧାର ହେବ ବୋଲି ଟାଙ୍ଗୀ ଥାନା ଅଧିକାରୀ ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଟାଙ୍ଗୀ ଥାନା ବିଶ୍ୱାଳି ଫାଣ୍ଡି ଅଞ୍ଚଳର ଜଣେ ନାବାଳିକା ଗତ ୭ ତାରିଖରେ ଅପହରଣର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା।

# ମା'ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

**କଟକ, ୧୫।୪(ସମିସ):** ମାଛୁଆବଜାରସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷୋଡଶ ବାର୍ଷିକୋତ୍ସବ ମୋହନ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିବେନ୍ଦ୍ର ହାତୀ ଅଧ୍ୟକ୍ଷତା କରିଥିଲେ। ସମାଜସେବୀ ପାରୁଲ୍ ଜଇସୱାଲ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷା ବିସ୍ତାର ସମିତିର ଓଡ଼ିଶା ଆବାହକ ବଟକୃଷ୍ଣ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବର୍ତ୍ତମାନ ସମାଜର ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ମା'ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅନ୍ୟତମ ବୋଲି ବକ୍ତାମାନେ କହିଥିଲେ। ବିଦ୍ୟାଳୟର ସମ୍ପାଦକ ମୋନଜ କୁମାର ଦାସ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସବିତାରାଣୀ ବାରିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୨୦୨୩-୨୪ଶିକ୍ଷା ବର୍ଷରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ନିହାରିକା ମହାନ୍ତି, ନମିତା କୁମାରୀ ବେହେରା, ଲୋପାମି ସାହୁ, ସଙ୍ଗୀତା ବେହେରା, ପ୍ରିୟଙ୍କା ବେହେରା, ସୋନାଲିସା ବାରିକ, ଅଞ୍ଜଳି ବେହେରା ଓ ଅମ୍ରିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଆଠଗଡ଼ରେ ହେବ ତ୍ରିମୁଖୀ ମୁକାବିଲା

## କଂଗ୍ରେସ ଟିକେଟରେ ଲଢ଼ିବେ ମେହବୁବ୍ ଅହମ୍ମଦ ଖାଁ

**ତିଗିରିଆ, ୧୫।୪(ସମିସ)**





ରବିବାର ବିଳମ୍ବିତ ସଂଧ୍ୟାରେ ଜାତୀୟ କଂଗ୍ରେସ ଦଳ ପକ୍ଷରୁ ସମ୍ମାନଜନକ ୮୯ ଆଠଗଡ଼ ନିର୍ବାଚନମଣ୍ଡଳୀ ପାଇଁ ତିଗିରିଆ ବ୍ଲକ ଅଧୀନ ଜେମାଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ, ସମିତିସଭ୍ୟ ତଥା ଜିଲ୍ଲା ପରିଷଦ ସଭ୍ୟ ଥିବା ବରିଷ୍ଠ କଂଗ୍ରେସ ନେତା ମହେବୁବ୍ ଅହେମ୍ମଦ ଖାଁଙ୍କୁ ଟିକେଟ ମିଳିଛି। ଫଳରେ ଏହି ଆସନର ବିଧାୟକ ପଦବୀ ପାଇଁ ତ୍ରିମୁଖୀ ମୁକାବିଲା ହେବ ବୋଲି ସ୍ପଷ୍ଟ ହୋଇଛି। ଏଥିପୂର୍ବରୁ ବିଜୁ ଜନତା ଦଳ ପକ୍ଷରୁ ଏହି ଆସନରୁ କ୍ରମାଗତ ୭ଥର ବିଧାୟକ ହୋଇ ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ରହିଥିବା ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ରାଜା ସ୍ୱାଇଁ)ଙ୍କୁ ପୁନଃ ସୁଯୋଗ ଦେଇଥିବା ବେଳେ ଭାରତୀୟ ଜନତା ପାର୍ଟି ଏହି ଆସନ ପାଇଁ ପୂର୍ବତନ ସାମରିକ କର୍ମଚାରୀ ଅଭୟ କୁମାର ବାରିକଙ୍କୁ ପ୍ରାର୍ଥୀ ଦେଇଛି। ୩ଟି ଯାକ ଦଳରୁ ନିର୍ବାଚନ ମୈଦାନକୁ ମନୋନୀତ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସବୁଠାରୁ ଅଭିଜ୍ଞ ପ୍ରାର୍ଥୀ ହୋଇଥିବା ବେଳେ ବିଜେପି ପ୍ରାର୍ଥୀ ଶ୍ରୀ ବାରିକ ଏଥିପୂର୍ବରୁ ସ୍ୱାଧୀନ ଭାବେ ଥରେ ନିର୍ବାଚନ ଲଢ଼ି ପରାଜୟ ବରଣ କରିଛନ୍ତି। ତେବେ କଂଗ୍ରେସରୁ ଟିକେଟ ପାଇଥିବା ଶ୍ରୀ ଖାଁ ସମ୍ପୂର୍ଣ୍ଣ ନବାଗତ ହୋଇଥିଲେ ହେଁ ଦିବଙ୍ଗତ ବରିଷ୍ଠ କଂଗ୍ରେସ ନେତା ରବି ନାରାୟଣ ମିଶ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଜଣେ ପଟ୍ଟ ଶିଷ୍ୟ ତଥା ଜଣେ ଉଦାରବାଦୀ ନେତା ରୂପେ ସ୍ଥାନୀୟ ଅଞ୍ଚଳରେ ତାଙ୍କର ପରିଚୟ ରହିଛି। ସୂଚନାଯୋଗ୍ୟ ଯେ ସମ୍ମାନଜନକ ୮୯ ଆଠଗଡ଼ ନିର୍ବାଚନ ମଣ୍ଡଳୀଟି ଉଭୟ ଆଠଗଡ଼ ଓ ତିଗିରିଆ ବ୍ଲକର ୫୪ଟି ପଞ୍ଚାୟତ ଓ ଗୋଟିଏ ଏନଏସିର ୧୮ଟି ୱାର୍ଡକୁ ନେଇ ଗଠିତ। ୫୪ଟି ପଞ୍ଚାୟତ ମଧ୍ୟରେ ଆଠଗଡ଼ର ୩୪, ତିଗିରିଆର ୧୪ ଓ ଟାଙ୍ଗି ଚୌଦ୍ୱାର ବ୍ଲକର ୬ଟି ପଞ୍ଚାୟତ ସମେତ ଆଠଗଡ଼ ଏନଏସସି ଅଧୀନ ୧୮ଟି ୱାର୍ଡରେ ଗତ ସାଧାରଣ ନିର୍ବାଚନରେ ମୋଟ ଭୋଟର ସଂଖ୍ୟା ୨ ଲକ୍ଷ ୩୭ ହଜାର ୩୧୬ ଥିବା ବେଳେ ଏଥିମଧ୍ୟରୁ ୧ ଲକ୍ଷ ୭ ହଜାର ୪୨୨ ଜଣ ପୁରୁଷ ଓ ୯୯ ହଜାର ୮୮୩ ଜଣ ମହିଳା ଭୋଟର ଅଛନ୍ତି। ୧୯୯୦ ମସିହା ଜନତା ଦଳ ସମୟରୁ ବର୍ତ୍ତମାନର ବିଜୁ ଜନତା ଦଳର ହେଭିୱେଟ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓରଫ ରାଜା ସ୍ୱାଇଁ ଏଠାରୁ କ୍ରମାଗତ ଭାବେ ୭ଥର ନିର୍ବାଚିତ ହୋଇ ରାଜ୍ୟ ସରକାରଙ୍କ ପ୍ରମୁଖ ବିଭାଗମାନଙ୍କରେ ମନ୍ତ୍ରୀ ପଦରେ ରହି ଆସିଥିବା ବେଳେ ନିଜର ସ୍ୱଭାବ ସୁଲଭ ଗୁଣ ପାଇଁ ରଣେନ୍ଦ୍ର ଜନମାନସରେ ରାଜା ଭାଇ ରୂପେ ନିଜର ସ୍ୱତନ୍ତ୍ର ଛାପ ଉପସ୍ଥାପନ କରିଛନ୍ତି। ଏପରିକି ସାଧାରଣ ଲୋକଟିର ବିବାହ, ବ୍ରତ, ଶୁଦ୍ଧକ୍ରିୟା ପରି ସାମାଜିକ ଅନୁଷ୍ଠାନ ସହିତ ଦଳମତ ନିର୍ବିଶେଷରେ ମୃତବ୍ୟକ୍ତିଙ୍କ ଅନ୍ତିମ ସଂସ୍କାରରେ ଯୋଗଦେଇ ନିଜର ପାରୁପର୍ଯ୍ୟନ୍ତ ସାହାର୍ଯ୍ୟ ସହଯୋଗ କରିବାରେ ସିଦ୍ଧହସ୍ତ ରଣେନ୍ଦ୍ର ପ୍ରତାପଙ୍କର ଚଳିତ ନିର୍ବାଚନରେ ପ୍ରଭାବ ଏବେଠୁ ଅନୁଭୂତ ହେଲାଣି। ଗତ ବିଧାନସଭା ନିର୍ବାଚନରେ ରଣେନ୍ଦ୍ର ଏଠାରୁ ସର୍ବକାଳୀନ ୯୮ହଜାର ୧୧୪ ଖଣ୍ଡ ଭୋଟ ପାଇ ରାଜ୍ୟ ରାଜନୀତିରେ ବେଶ ହଟଚମଟ ସୃଷ୍ଟି କରି ପୁନଃ ୮ମ ଥର ପାଇଁ ଦଳ ପକ୍ଷରୁ ଟିକେଟ ହାସଲ କରିଛନ୍ତି। ସେହିପରି ଚଳିତ ନିର୍ବାଚନ ପାଇଁ ବିଜେପି ଏଠାରେ ନୂଆ ମୁହଁ ଦେଇଛି। ବିଜେପି ପକ୍ଷରୁ ଚଳିତ ସାଧାରଣ ନିର୍ବାଚନ ପାଇଁ ପୂର୍ବତନ ସାମରିକ କର୍ମଚାରୀ ଅଭୟ କୁମାର ବାରିକଙ୍କୁ ଟିକେଟ ଦେଇଛି। ଗତ ସାଧାରଣ ନିର୍ବାଚନରେ ଶ୍ରୀ ବାରିକ ସ୍ୱାଧୀନ ଭାବେ ନିର୍ବଚନ ଲଢ଼ି ୯ ହଜାର ଭୋଟ ପାଇଥିଲେ। ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ଦଳୀୟ ପ୍ରାର୍ଥୀ ମହେବୁବ ଅହେମ୍ମଦ ଖାଁଙ୍କୁ ପ୍ରାର୍ଥୀ ରୂପେ ଘୋଷଣା କରିବା ପରେ ସୁପ୍ତ ଅବସ୍ଥାରେ ଥିବା କଂଗ୍ରେସ କର୍ମୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଛି।

# ନୂଆସାହିରେ ଝାମୁ ଯାତ୍ରା

**ଚୌଦ୍ୱାର, ୧୫।୪(ସମିସ):** ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ ନୂଆସାହିସ୍ଥିତ ଦଳିତ କଲୋନୀରେ ଝାମୁଯାତ୍ରା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମା'ତାରିଣୀଙ୍କ ପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଦେବୀଙ୍କ ଦର୍ଶନ ସହିତ ଭୋଗରାଗ କରି ଆଶୀର୍ବାଦ ଲାଭ କରିଥିଲେ। ଏହି ଅବସରରେ ବହୁ ସଂଖ୍ୟକ ମାନସିକଧାରୀ ନିଆଁରେ ଚାଲିବାର ଦୃଶ୍ୟ ଆକର୍ଷଣୀୟ ହୋଇଥିଲା। ବାଦ୍ୟ, ସଂକୀର୍ତ୍ତନ, ଶଙ୍ଖ, ହୁଳହୁଳି ଧ୍ୱନୀ ମଧ୍ୟରେ ଶ୍ରଦ୍ଧାଳୁମାନେ ଝାମୁ ଯାତ୍ରାକୁ ମନଭରି ଉପଭୋଗ କରିଥିଲେ। ବିଧାୟକ ସୌଭିକ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ପୂର୍ବତନ ଉପନଗରପାଳ ଅଜୟ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଦୋକାନ ଘର ଜାଳିଦେଲେ ଦୁର୍ବୃତ୍ତ

**ମାହାଙ୍ଗା, ୧୫।୪(ସମିସ):** କୁମୁଡାଜୟପୁର ଫାଣ୍ଡି ଅଧୀନ ଅରିଲୋ ମେଳଣ ପଡ଼ିଆ ବଜାରରେ ଥିବା ଜଳଖିଆ ଓ ପାନ ଦୋକାନରେ ଦୁର୍ବୃତ୍ତମାନେ ନିଆଁ ଲଗାଇ



ଦେଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ ଗତକାଲି ରାତି ୧୦ଟାରେ ଜଳଖିଆ ଓ ପାନ ଦୋକାନକୁ ବନ୍ଦ କରି ଘରକୁ ଯାଇଥିଲେ। ପ୍ରାୟ ରାତି ୧୨ଟା ସମୟରେ ଦୋକାନରେ ନିଆଁ ଲାଗିଥିବା ନେଇ ପଡୋଶୀ ଲୋକ ଫୋନ କରି ଜଣାଇଥିଲେ। ଖବର ପାଇ ସୁରେନ୍ଦ୍ର ଦୋକାନ ନିକଟରେ ପହଂଚିଲା ବେଳକୁ ଦୋକାନଟି ହୁତୁ ହୁତୁ ହୋଇ ଜଳୁଥିଲା। ଏହି ଅଗ୍ନିକାଣ୍ଡରେ ସୁରେନ୍ଦ୍ରଙ୍କ ଦୋକାନରେ ଥିବା ପ୍ରାୟ ଲକ୍ଷାଧିକ ଟଙ୍କାର ସଂପତି ପୋଡି ନଷ୍ଟ ହୋଇଥିବା ନେଇ ଫାଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଫାଣ୍ଡି ଅଧିକାରିଣୀ ଶକୁନ୍ତଳା ଦାସ ଘଟଣାସ୍ଥଳରେ ତଦନ୍ତ ଚଳାଇଥିବା ଜଣାଯାଇଛି।

# ବାଙ୍କୀ ବିଜେଡିର କର୍ମୀ ସମ୍ମିଳନୀ

**ବାଙ୍କୀ, ୧୫।୪(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମପଞ୍ଚାୟତ ବ୍ରହ୍ମେଇଙ୍କ ପୀଠରେ ବିଜେଡି କର୍ମୀ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି। ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଲୋକସଭା ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ



## • ଯୋଗଦେଲେ ବିଧାୟକ ଓ ସାଂସଦ ପ୍ରାର୍ଥୀ

ଆସନ୍ତା ଲୋକସଭା ଓ ବିଧାନସଭା ନିର୍ବାଚନରେ ବିଜେଡି ଦଳ ପ୍ରାର୍ଥୀମାନେ କିପରି ବିପୁଳ ଭୋଟରେ ନିର୍ବାଚିତ ହେବେ ସେ ସମ୍ପର୍କରେ କର୍ମୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ବୈଠକରେ ବାଙ୍କୀ ଏନ୍ଏସି ଉପନଗରପାଳ ସନ୍ତୋଷ ରଣା, ଜିଲ୍ଲା ପରିଷଦ ସଭ୍ୟା ମିନତୀ ମହାପାତ୍ର, ଆଶିଷ ସାହୁ, ସରପଞ୍ଚ ଅବନ୍ତୀ ବେହେରା, ଗୋପାଳପୁର ସେବା ସମବାୟ ସମିତି ସଭାପତି ପ୍ରଦୀପ ଦାଶ, ତୁଳସୀପୁର ସମିତିସଭ୍ୟ ନାରାୟଣ ଜେନା, ଯୁବ ବିଜେଡି ସଭାପତି ଭାଗିରଥି ପାଣି ପ୍ରମୁଖ ଉପସ୍ଥିତ ରହି ବିଜେଡି ସଂଗଠନକୁ ସୁଦୃଢ କରିବା ପାଇଁ ନିଜ ନିଜର ମତପ୍ରକାଶ କରିଥିଲେ। ଡମପଡ଼ା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ବିଜେଡି କର୍ମକର୍ତ୍ତା ସମ୍ମିଳନୀ

**ଚୌଦ୍ୱାର, ୧୫।୪(ସମିସ):** ଚୌଦ୍ୱାର ନଗର ବିଜେଡି ମହିଳା ମୋର୍ଚ୍ଚାର ଏକ କର୍ମକର୍ତ୍ତା ସମ୍ମିଳନୀ ଓଟିଏମ୍ ପରିବା



ବଜାରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନଗର ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ବ୍ୟାପକ ଭାବେ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ। ଦଳର କଟକ ଜିଲ୍ଲା ଉପସଭାପତି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଯୁବମୋର୍ଚ୍ଚା ସଭାପତି ଶାରଦା ରଞ୍ଜନ ପରିଜା, ରାଜ୍ୟ ଯୁଗ୍ମ ସମ୍ପାଦକ ଅର୍ଜୁନ ପଣ୍ଡା, ଭରତ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମହିଳା ମୋର୍ଚ୍ଚା ସଂଗଠନ ସମ୍ପାଦିକ କଲ୍ୟାଣୀ ସାହାଣୀ, ସସ୍ମିତା ରାୟ, ମୀନା ଚୌଧୁରୀଙ୍କ ସମେତ ବହୁ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବୀଣାପାଣି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଷଙ୍ଗ ବିଜେଡିର ମିଶ୍ରଣ ପର୍ବ

**ମାହାଙ୍ଗା, ୧୫।୪(ସମିସ):** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ମାହାଙ୍ଗାରେ ଦଳ ଡିଆଁ ପର୍ବ ସେତେ ଜୋରରେ ବଢ଼ି ଚାଲିଛି। ବିଜେପି ଓ କଂଗ୍ରେସ ଦଳର କର୍ମୀମାନେ ଏବେ ବିଜେଡି ମୁହାଁ ହେଉଥିବା ଦେଖିବାକୁ ମିଳିଛି। ଗତ ସପ୍ତାହରେ ଗୋଡରା ସରପଞ୍ଚ ସମେତ ଶତାଧିକ କର୍ମୀ ଓ କୁହୁଣ୍ଡା ପଞ୍ଚାୟତର ବହୁ କର୍ମୀ ବିଜେପି ଓ କଂଗ୍ରେସ ଦଳ ଛାଡି ବିଜେଡି ଯୋଗ ଦେଇଥିବାବେଳେ ଆଜି ଓଷଙ୍ଗ



ପଞ୍ଚାୟତର ବିଜେପି ଯୁବନେତା ସ୍ମୃତିରଞ୍ଜନ ପାତ୍ରଙ୍କ ସମେତ ବହୁ ୱାର୍ଡ ସଭ୍ୟ ଓ ଶତାଧିକ କର୍ମୀ ବିଜେପି ଦଳ ପରିତ୍ୟାଗ କରି ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଉପସ୍ଥିତିରେ ଅଳିଯୋଡାସ୍ଥିତ ବାସଭବନରେ ବିଜେଡି ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ଜେନା ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ଓଷଙ୍ଗ ପଞ୍ଚାୟତରେ ବିଜେଡିକୁ ମଜଭୂତ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଓଷଙ୍ଗ ସରପଞ୍ଚ ପ୍ରତିନିଧି ଧିରେନ୍ଦ୍ର ନାଥ ବିଶ୍ୱାଳ, ଭଗବାନ ବିଶ୍ୱାଳ, ଯୁବନେତା ରବୀନ୍ଦ୍ର ମହାନ୍ତି, ପଞ୍ଚାନନ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପର୍ଯ୍ୟବେକ୍ଷକ କେଶବ ବେହେରା, ଇଶ୍ୱର ଲେଙ୍କା, ବିଜୟ ମହାନ୍ତି, ରଞ୍ଜନ ସାହୁ, ଲକ୍ଷ୍ମୀଧର ପାତ୍ରଙ୍କ ସମେତ ପଞ୍ଚାୟତର ବହୁ ବିଜେଡି ନେତୃମଣ୍ଡଳୀ ଉପସ୍ଥିତ ରହିଥିଲେ।

# ବିଜେଡି ଦଳର ମିଶ୍ରଣ ପର୍ବ

**ବାଙ୍କୀ, ୧୫।୪(ସମିସ):** ବାଙ୍କୀ ବ୍ଲକ ବାଉଁଶପୁଟ ପଞ୍ଚାୟତରେ ବିଜେଡି ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବ କଟକସ୍ଥ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ



ବାସଭବନରେ ଅୟୋଜିତ ହୋଇଥିବା ବେଳେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ବାଉଁଶପୁଟ ପଞ୍ଚାୟତର ଅପର୍ତ୍ତି ରାଉତ, ନିଳମଣୀ ରାଉତ, ଶିଶିର ଗଣ୍ଡିଆ, ସୁଦୀପ ପୃଷ୍ଟି, ଅଙ୍କୁର ରାଉତ, ସୁରେଶ ଦଳେଇ, ପ୍ରମୋଦ ରାଉତ ସମେତ ଅନେକ କର୍ମୀ ଏହି ବୈଠକରେ ଉପସ୍ଥିତ ରହି ବିଜେଡି ଦଳରେ ଯୋଗଦାନ କରିଛନ୍ତି। ପୂର୍ବତନ ବିଧାୟକ ଶ୍ରୀ ତ୍ରିପାଠୀ ସମସ୍ତଙ୍କୁ ଉପଢୌକନ ପ୍ରଦାନ କରି ବିଜେଡି ଦଳରେ ସାମିଲ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି ନେତା ବୀରବର ଦଳେଇ, ବିରଞ୍ଚି ଦଳେଇ, ବାବୁଲା ସେଠୀ, ପବିତ୍ର ମୋହନ ପରିଡ଼ା ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗଙ୍କ ଗହଣରେ ଜନ୍ମଦିନ ପାଳିଲେ ବ୍ଲକ ଉପାଧ୍ୟକ୍ଷ

**ନିଶ୍ଚିନ୍ତକୋଇଲି, ୧୫।୪(ସମିସ):** ଅସୁରେଶ୍ୱରସ୍ଥିତ ମଦର ଟେରେସା ମୁକ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗ୍ରହଣରେ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ଅଶୋକଓଝା ତାଙ୍କର ୪୫ତମ ଜନ୍ମ ଉତ୍ସବ ପାଳନ କରିଛନ୍ତି। ଶ୍ରୀ ଓଝାଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରଥମେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଏହି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମେଳରେ ବସି ତାଙ୍କ ସହ କେକ୍ କାଟି ସେମାନଙ୍କୁ କେକ୍ ଖୁଆଇ ଦେବା ସହିତ ମିଠା, ବିସ୍କୁଟ ଓ ଚକଲେଟ ବଣ୍ଟନ କରିଥିଲେ। ଏହାଛଡ଼ା ଶ୍ରୀ ଓଝାଙ୍କ ବାସଭବନରେ ବିଧାୟକ ପ୍ରତାପ ଜେନା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଜ୍ୟୋତିପ୍ରକାଶ ସ୍ୱାଇଁ, ଗିରିଶରଞ୍ଜନ ମହାପାତ୍ର, ଜ୍ଞାନରଞ୍ଜନ ରାଉତ, ବ୍ଲକ ଅଧକ୍ଷା ରୋଜି ସେଠୀଙ୍କ ସମେତ ବହୁ ଯୁବ, ଛାତ୍ର, ମହିଳା, ବିଜେଡି ନେତୃବୃନ୍ଦ ଜନ୍ମଦିନର ଶୁଭେଚ୍ଛା ଜ୍ଞାପନ କରିଥିଲେ।



# 'ସମନ୍ୱୟ' ପକ୍ଷରୁ ବିଷୁବ ମିଳନ ଓ କବିତା ପାଠ

**ନିଶ୍ଚିନ୍ତକୋଇଲି, ୧୫।୪(ସମିସ):** ନିଶ୍ଚିନ୍ତକୋଇଲିର ଅଗ୍ରଣୀ ସାମାଜିକ, ସାଂସ୍କୃତିକ, ସାରସ୍ୱତ ପରିଷଦ 'ସମନ୍ୱୟ' ଆନୁକୂଲ୍ୟରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଆ ନବବର୍ଷ ପାଳନ, ବିଷୁବ ମିଳନ ଓ କବିତା ପାଠୋତ୍ସବ



ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଉତ୍କଳଜ୍ୟୋତି ରଘୁନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ପି.ପି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସ୍ୱାଧୀନାନନ୍ଦ ପରିଡ଼ା, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଖଗେଶ୍ୱର ମହାନ୍ତି, ସମ୍ମାନିତ ଅତିଥି ଭାବେ ଔପନ୍ୟାସିକ ବିଦ୍ୟୁତଲତା ପ୍ରଧାନ, ଶିକ୍ଷାବିତ୍ ସୁଧିରଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ବିଷୁବ ମିଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂକ୍ରାନ୍ତରେ ବିଷଦ ଆଲୋଚନା କରିଥିଲେ। ସମ୍ପାଦକ ଦେବପ୍ରସାଦ କର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ କବି ସଚ୍ଚିଦାନନ୍ଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କବି ରଞ୍ଜନ ବେହେରା, ନାରୀ କବି ରବେୟା ସରୱର, କବି ତନ୍ମୟ କିଶୋର ଦାସ, କେଦାରନାଥ ସାହୁ, ନିରଞ୍ଜନ ସାହୁ, ଶରତଚନ୍ଦ୍ର ସାହୁ, ପ୍ରଭାକର ଦାସ, ବିକ୍ରମକେଶରୀ ନାଥ, ଚନ୍ଦ୍ରଭାନୁ ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟର ସ୍ୱର ପତ୍ରିକାର ସମ୍ପାଦକ ଜୟରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ ଶହ ବର୍ଷରେ ଅସୁରେଶ୍ୱର ଶ୍ରୀରାମ ନବମୀ ଯାତ୍ରା

**ନିଶ୍ଚିନ୍ତକୋଇଲି, ୧୫।୪(ସମିସ)**

କଥାରେ ଅଛି ଓଳକଣା ମେଲଣ, ଆଳି ରାଜା ଝୁଲଣ, ଅସୁରେଶ୍ୱର ଶ୍ରୀରାମ ନବମୀ, ପୁରସ୍ତମ ଚନ୍ଦନ। ଚୈତ୍ର ମାସ ଶୁକ୍ଳ ପକ୍ଷ ନବମୀ ତିଥି ପୁଷ୍ୟା ନକ୍ଷତ୍ରରେ ଆଜକୁ ପ୍ରାୟ ୫ଶହ ବର୍ଷ ତଳେ ଆରମ୍ଭ ହୋଇଥିଲା ପ୍ରସିଦ୍ଧ ଅସୁରେଶ୍ୱର ଶ୍ରୀରାମ ନବମୀ ଯାତ। ୧୧ଟି ତାଲୁକରୁ ସେବାକାରୀ ମାନେ ଆସି ଏହି ଯାତ୍ରାରେ ନିୟୋଜିତ ହେଉଥିଲେ। ନାରୀକେଳର ସୁଭାଷିତ ଜଳରେ ଶ୍ରୀ ରଘୁନାଥ ଜୀଉଙ୍କ ବିଗ୍ରହକୁ ସ୍ନାନ ଓ ନୂତନ ବସ୍ତ୍ର ପରିଧାନ କରାଇ ବିଭିନ୍ନ ଫଳମୂଳ ନୈବେଦ୍ୟ ଅର୍ପଣ କରାଯାଇଥିଲା। ସେହି ଦିନ ଠାରୁ ଅଦ୍ୟାବଧି ପାଳନ ହୋଇଆସୁଛି ଶ୍ରୀରାମ ନବମୀ ଯାତ୍ରା। ଏହି ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାବେଶ ହୋଇଥାଏ। ହୃଦୟ ପାପ ପଙ୍କ ଉଧାରକାରୀ ଲକ୍ଷାଧିକ ମାନସିକ ଭକ୍ତମାନେ ମୁଖ୍ୟ ନୈବେଦ୍ୟ ଭାବେ ବାଣ (ଗଡ଼ମା)କୁ ଫୁଟାଇଥାନ୍ତି। ବ୍ରାହ୍ମ ମୁହୂର୍ତ୍ତରୁ ରାତ୍ରିର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ଭକ୍ତମାନଙ୍କ ଭିଡ଼ ଲାଗି ରହିଥାଏ। ରାମ ଜନ୍ମଦିନ ଠାରୁ ୧୧ଦିନ ପର୍ଯ୍ୟନ୍ତ ଲାଗି ରହିଥିବା ଏହି ଯାତ୍ରାକୁ ଶ୍ରୀରାମ ନବମୀ ଯାତ୍ରା କୁହାଯାଏ। ବଂଶାନୁକ୍ରମେ ନିର୍ଦ୍ଦିଷ୍ଟ ସୁଆଙ୍ଗୀମାନେ ରାମାୟଣର ବିଭିନ୍ନ ଚରିତ୍ରରେ ଅଭିନୟ କରିଥାନ୍ତି। ରାମଙ୍କର ଏହି ଲୀଳା



ଆରମ୍ଭ ପୂର୍ବରୁ ସମସ୍ତେ ରଘୁନାଥଙ୍କ ଶରଣାପନ୍ନ (ଅଧିଆ) ପଡ଼ିଥାନ୍ତି। ପ୍ରତ୍ୟେକ ଦିନ ଏହି ଲୀଳା ଆରମ୍ଭ ହେବା ପୂର୍ବରୁ ଶ୍ରୀ ରଘୁନାଥଜୀଉଙ୍କୁ ମୁଖ୍ୟ ସିଂହାସନରୁ ଓହ୍ଲାଇ ସୁସଜ୍ଜିତ ବିମାନରେ ବେଢ଼ା ପରିକ୍ରମା କରାଇ ମଣ୍ଡପରେ ଅଧିଷ୍ଠିତ କରିଥାନ୍ତି। ସୁଆଙ୍ଗୀମାନେ ନିର୍ବାକ ଅଭିନୟ କରିଥିଲା ବେଳେ ପରସ୍ପର ମଧ୍ୟରେ କଥୋପ କଥନକୁ ତାଳପତ୍ର ପୋଥିରୁ ଯେଉଁ ସଂଗୀତ ଗାନ କରାଯାଇଥାଏ ତାହାକୁ ବଚନିକା କୁହାଯାଏ। ଏହି ବଚନିକାକୁ ବଂଶାନୁକ୍ରମେ ଗାୟନ କରିବା ପାଇଁ ମଧ୍ୟ ସେବକ ରହିଥାନ୍ତି। ଏହାର ଆକର୍ଷଣର କେନ୍ଦ୍ରବିନ୍ଦୁ ହେଉଛି ପ୍ରସିଦ୍ଧ ଦାଣ୍ଡଯାତ୍ରା। ଏହି ଦାଣ୍ଡଯାତ୍ରା ଚୈତ୍ରପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୋଇଥାଏ। ଯେଭଳି ଶ୍ରୀଗୁଣ୍ଡିଚାରେ ମହାପ୍ରଭୁ ଜଗନ୍ନାଥ ଭକ୍ତଙ୍କ ଗ୍ରହଣରେ ମିଶିବା ପାଇଁ ରଥ ଉପରକୁ ବିଜେ କରନ୍ତି ଠିକ୍ ସେହିଭଳି ଦାଣ୍ଡଯାତ୍ରାରେ ଶ୍ରୀ ରଘୁନାଥଜୀଉ ଭକ୍ତଙ୍କ ଗ୍ରହଣରେ ଯୋଗଦେବା ପାଇଁ ରତ୍ନସିଂହାସନ ଓ ଦୋଳ ବେଦୀକୁ ତ୍ୟାଗ କରିଥାନ୍ତି। ଏକ ରୂପା ଖଚିତ ସୁସଜ୍ଜିତ ବିମାନରେ ପ୍ରଭୁ ରଘୁନାଥଜୀଉଙ୍କୁ ଅଧିଷ୍ଠିତ କରାଇ ଶୋଭାଯାତ୍ରାରେ କୋଇଲୋ ଦଧିବାମନଜୀଉ ଉପଲକ୍ଷେ ନିଆଯାଇଥାଏ। ପ୍ରଭୁଙ୍କ ସହିତ ସୁଆଙ୍ଗୀମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ରାବଣ, ଇନ୍ଦ୍ରଜିତ ଓ ଅନ୍ୟାନ୍ୟ ଚରିତ୍ର ବେଶରେ ସୁସଜ୍ଜିତ ହୋଇଯାଇଥାନ୍ତି। କାଳିକା ମଧ୍ୟ ତାଙ୍କର ଅନୁଚରଙ୍କୁ ସାଙ୍ଗରେ ନେଇ ଭକ୍ତଙ୍କ ଠାରୁ ପଣା ପାନ କରିଥାନ୍ତି। ଯାତ୍ରାର ଅନ୍ତିମ ଦିନରେ ରାବଣ ବଧ ପ୍ରଭୁ ଶ୍ରୀରାମଙ୍କ ଅଭିଷେକ ମହାସମାରୋହରେ ପାଳିତ ହୋଇଥାଏ।

# ବାରବୋଡ଼ିଆ ଗ୍ରାମରେ ଲଉଡ଼ି ଉତ୍ସବ

**ସାଲେପୁର, ୧୫।୪(ସମିସ):** ସାଲେପୁର ବ୍ଲକ ଅନ୍ତର୍ଗତ ପଶ୍ଚିମକଚ୍ଛ ଗ୍ରାମପଞ୍ଚାୟତର ବାରବୋଡ଼ିଆ ଗ୍ରାମରେ ତୃତୀୟ ବାର୍ଷିକ ଲଉଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିବାବେଳେ ଏଥିରେ ପଶ୍ଚିମକଚ୍ଛ, ବିରୋଳ, ଆଠମାଣିଆ, ପାଗା, ପଦ୍ମପୁର, ରଘୁନାଥପୁର, ବହୁଗ୍ରାମ ସମେତ ୭ଟି ଲଉଡ଼ି ନୃତ୍ୟ ଦଳ ଅଂଶଗ୍ରହଣ କରି ଲଉଡ଼ି ନୃତ୍ୟ ପରିବେଷଣ କରିଥିଲେ। ଚମ୍ପତି ସରପଞ୍ଚ ଗୌରାଙ୍ଗ ଚରଣ ପରିଡ଼ା, ପଶ୍ଚିମକଚ୍ଛ ସରପଞ୍ଚ ବୁଦ୍ଧେଶ୍ୱର ଦାସ, କଟକ ଯାଦବ ମହାସଭାର ସଂପାଦକ ତୀର୍ଥବାସୀ ବେହେରା, ପ୍ରସନ୍ନ ବେହେରା, ଚୌଦ୍ୱାର ଯାଦବ ମହାସଭାର ସଂପାଦକ ବିଷ୍ଣୁଚରଣ ବେହେରା, ନେମାଳର ଗୋବିନ୍ଦ ଚନ୍ଦ୍ର ଦାସ, କ୍ଷୀରୋଦ ଦାସ, ପ୍ରସାଦ ଦାସ, ଲକ୍ଷ୍ମୀନୃସିଂହ ଯାଦବ ସମିତି ବୋଦାମୁଣ୍ଡାଇର ସଂପାଦକ ଶଙ୍କର ଦାସ,



ପ୍ରିୟଜିତ୍ ଦାସ, ଲକ୍ଷ୍ମୀନୃସିଂହ ଯାଦବ ସଂଘ ପୂର୍ବକଚ୍ଛର ଧ୍ରୁବଚରଣ ବେହେରା, ଯାଦବ ମହାସଭାର ବିକଳି ବେହେରା, ଅନାମ ଚରଣ ବେହେରା, କେଦାର ପରିଡ଼ା, ରମେଶ ବେହେରା, ବୀରକିଶୋର ଦାସ, ନାରାୟଣ ଦାସ, ବିଜୟ ଦାସ, ରବୀନ୍ଦ୍ର ବେହେରା, ଚିତ୍ତରଂଜନ ବେହେରା, ନରେନ୍ଦ୍ର ବେହେରା, ମଦନ ବେହେରା, ପଶ୍ଚିମକଚ୍ଛ ଜୋନ୍‌ର ଚରଣ ଦାସ, ରାସବିହାରୀ ବେହେରା, ମାଧବ ପରିଡ଼ା, ପ୍ରଫୁଲ୍ଲ ଦାସ, ପ୍ରଶାନ୍ତ ଦାସ, କସ୍ତୁରି ଚରଣ ଦାସ, ଶ୍ରୀଧର ଦାସ, ସୁଜିତ୍ ଦାସ, ଜଗବନ୍ଧୁ ଦାସ, ଯଶୋବନ୍ତ ଦାସ, ସାଲେପୁର ବ୍ଲକ ସଭାପତି ଅନନ୍ତ ଗୋପାଳ ଦାସଙ୍କ ସମେତ ବହୁ ଯାଦବ ସଂଘର କର୍ମକର୍ତ୍ତା ଓ ଭାଇମାନେ ଉତ୍ସାହିତ କରିଥିଲେ।

